


୧।୪।୨୦୨୨

| ୫,୭୪,୭୦୭ ଟଙ୍କା | |
|---|---|
| ସୁନା | ୧୦୦ମିଲି ଗ୍ରାମ |
| ରୁପା | ୨.୮୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରିଟାୟର୍ଡ ଆସୋସିଏଶନର ବୈଠକ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା।
- ଖବରକାଗଜ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜିନେସ୍ ଏମିନେନ୍ସ ଆୱାର୍ଡସ୍, ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୧ଟା ୨୦।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- କେତକି ଫାଉଣ୍ଡେନ ପକ୍ଷରୁ ଦ୍ୱିତୀୟ ଦିନନାଥ ପାଠୀ କଳା ସମ୍ମାନ ଏବଂ ପୁସ୍ତକ ଉନ୍ମୋଚନ, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୫ଟା ୩୫।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ବିଦ୍ୟାଳୟ ପରିସର, ୟୁନିଟ-୮, ସନ୍ଧ୍ୟା ୬ଟା ୩୦।

କଟକ

- ଦେବାଳୟ ବିମୋଚନ ପକ୍ଷରୁ ସାଇକେଲ ରାଲି, ନୂଆବଜାର ବ୍ଲକ ଅଫିସ, ସକାଳ ୬ଟା ୩୦।
- କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଉତ୍କଳ ଦିବସ ସମାରୋହ, ଉପର ବାଲିଯାତ୍ରା ପଡ଼ିଆ, ସକାଳ ୮ଟା ୩୦ ।
- ବିଶ୍ୱ ଅଟିଜିମ୍ ସଚେତନତା ଦିବସ, ଆଶ୍ରୟ ଦି ସେଲ୍ଟର, ସେକ୍ଟର-୭, ସିଡିଏ, ସକାଳ ୯ଟା ।
- ରାଜ୍ୟ ନ୍ୟାୟିକ ବ୍ୟବସ୍ଥାରେ ଇ-ଫାଇଲିଂର ଶୁଭାରମ୍ଭ, ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୩୦।
- ହିନ୍ଦୁ ନବବର୍ଷ ମହୋତ୍ସବ କମିଟି ପକ୍ଷରୁ ଶୋଭାଯାତ୍ରା, କାଳୀୟଦଳନ ପୋଖରୀ, ପିଠାପୁର, ଅପରାହ୍ନ ୩ଟା ।
- ସିପିଆଇ(ଏମ୍) କଟକ ଲୋକାଲ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖ, କଲେଜ ଛକ, ସନ୍ଧ୍ୟା ୬ଟା।

# ୧୦୦ ପୋଲିସ ଅଧିକାରୀ, କର୍ମଚାରୀଙ୍କୁ ଡିଜିପି ଡିସ୍କ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଉଲ୍ଲେଖନୀୟ ସେବା ଓ ସାହସିକତା ପାଇଁ ରାଜ୍ୟର ୧୦୦ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କରେ ସମ୍ମାନିତ କରାଯାଇଛି। ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଶୁକ୍ରବାର ଆୟୋଜିତ ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ସେମାନଙ୍କୁ 'ଡିଜିପି ପ୍ରଶଂସା ପତ୍ର ଓ ଡିସ୍କ' ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଏଡିଜି ରେଖା ଲୋହାନୀ, ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ବରଗଡ଼ ଏସ୍‌ପି ରାହୁଲ ଜୈନ, କେନ୍ଦ୍ରାପଡ଼ା ଏସ୍‌ପି ମଡ୍‌କର୍ ସନ୍ଦୀପ ସମ୍ପତଙ୍କ ସମେତ ଭୁବନେଶ୍ୱର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ୍, ମହିଳା ଥାନାଧିକାରିଣୀ ସନ୍ତୋଷିନୀ ବେହେରା ପ୍ରମୁଖ ରହିଛନ୍ତି। ସେହିପରି ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ ଝାରସୁଗୁଡାକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଛି। ଏଥିସହ କଟକ ମହାନଦୀ ମୁଣ୍ଡଳୀ ବ୍ରିଜ୍ ନିକଟରେ ହାତୀ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଥିବା ଓଡ୍ରାଫ୍‌ର ସ୍ୱର୍ଗତ ସୀତାରାମ ମୁର୍ମୁଙ୍କ ପତ୍ନୀଙ୍କୁ ସ୍ୱାମୀଙ୍କ ବଳିଦାନ ପାଇଁ 'ସ୍ୱର୍ଗତ ଭ୍ରମରବର ସାହୁ ସ୍ମୃତି ସାହସିକତା ପୁରସ୍କାର' ସହ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଏସ୍‌ଓଜି ଭୁବନେଶ୍ୱରର କମାଣ୍ଡୋ ପଙ୍କଜ ନାୟକ ଓ କମାଣ୍ଡୋ ପଙ୍କଜ ଦଣ୍ଡସେନାଙ୍କୁ 'ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର' ପ୍ରଦାନ କରାଯାଇଛି। ଏହି ସମାରୋହରେ ପୋଲିସ ଡିଜିଙ୍କ ସମେତ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠ୍‌ୱା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିଆଇଜି ଅନୁପ ସାହୁ, ଡିଆଇଜି ଜୟନାରାୟଣ ପଙ୍କଜ, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ, ଟ୍ରାଫିକ୍ ଡିସିପି ଏସ୍. ସୁଶ୍ରୀଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ।




ପଦକ ପାଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଡିଜିପି ସୁନୀଲ କୁମାର ବଂଶଲ ଓ ଅନ୍ୟମାନେ।

# ପୁରୀରେ ନିରାମିଷ କାଫେଟେରିଆ

ପୁରୀ ଅଫିସ,୧।୪

ସ୍ୱର୍ଗଦ୍ୱାର ପାଖରେ ଜିଲା ପ୍ରଶାସନ ସହଯୋଗରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏକ ଶୁଦ୍ଧ ନିରାମିଷ କାଫେଟେରିଆ ଖୋଲିଛି। ଓଡ଼ିଶା ଦିବସ ଅବସରରେ ଏହି ନିରାମିଷ କାଫେଟେରିଆକୁ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଲୋକାର୍ପଣ କରିଛନ୍ତି। ସମୁଦ୍ର ବେଳାଭୂମି ବୁଲି ଆସୁଥିବା ଲୋକମାନେ ଏହି କାଫେଟେରିଆରେ ସୁବିଧା ପାଇପାରିବେ। ଏହି ଅବସରରେ ଓଟିଡିସି ଅଧ୍ୟକ୍ଷା ମିଶ୍ର କହିଥିଲେ, ଏହି କାଫେଟେରିଆକୁ ମିଶାଇଲେ ଶ୍ରୀଜଗନ୍ନାଥ ଧାମ ପୁରୀ ସହରରେ ଓଟିଡିସି ନିଜର ଚତୁର୍ଥ ୟୁନିଟ୍ ଖୋଲିବାରେ ସକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପୁରୀ ସହରରେ ସୌନ୍ଦର୍ଯ୍ୟକରଣର ନୂଆ ଯୁଗ ଆରମ୍ଭ ହୋଇଛି ତଥା ସ୍ୱର୍ଗଦ୍ୱାରର ପୁନଃନିର୍ମାଣ କାର୍ଯ୍ୟ ସମ୍ପାଦିତ ହୋଇସାରିଛି। ସ୍ୱର୍ଗଦ୍ୱାର ନିକଟରେ କାଫେଟେରିଆ ଖୋଲିବା ପାଇଁ ଜମି ଯୋଗାଇ ଦେଇଥିବାରୁ ପୁରୀ ଜିଲା ପ୍ରଶାସନକୁ ସେ ସାଧୁବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ସମୟୋପଯୋଗୀ ପଦକ୍ଷେପ ଯୋଗୁ ଓଡ଼ିଶାକୁ ଶ୍ରେଷ୍ଠ ତୀର୍ଥଯାତ୍ରୀ ରାଜ୍ୟ ଭାବେ ସଫାରୀ ଇଣ୍ଡିଆ ସାଉଥ୍ ଏସିଆ ଟ୍ରାଭେଲ ଆୱାର୍ଡସ ୨୦୨୨ ପୁରସ୍କାର ମିଳିପାରିଛି ବୋଲି ମିଶ୍ର କହିଥିଲେ। ସେହିପରି ଓଟିଡିସି ଜେନେରାଲ ମ୍ୟାନେଜର ଶାନ୍ତନୁ ମହାନ୍ତି କହିଛନ୍ତି, କରୋନା ମହାମାରୀ ଯୋଗୁ ଦେଶବ୍ୟାପୀ ପର୍ଯ୍ୟଟନ ଶିଳ୍ପ ଅଧିକ ପ୍ରଭାବିତ ହୋଇଥିଲେ ସୁଦ୍ଧା ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ଉପରେ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । ସ୍ୱର୍ଗଦ୍ୱାର ପାଖରେ ଏହି ନୂଆ କାଫେଟେରିଆ ଲୋକଙ୍କ ଆବଶ୍ୟକତାକୁ ପୂରଣ ଦିଗରେ ସହାୟକ ହେବ। ଏହି ଅବସରରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ଓ ରୀନା ମହାପାତ୍ର, ଯୁଗ୍ମ ସଚିବ ପୂଜା ମିଶ୍ର ଓ ଏଲୋରା ଜେନା, ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ ଓ ସ୍ୱର୍ଗଦ୍ୱାର ଦାୟିତ୍ୱରେ ଥିବା ଅଧିକାରୀ ସିଦ୍ଧାର୍ଥ ରାୟଙ୍କ ସମେତ ଓଟିଡିସି କମ୍ପାନୀ ସେକ୍ରେଟାରୀ ପ୍ରଶାନ୍ତ ପଣ୍ଡା, ଡିଭିଜନାଲ ମ୍ୟାନେଜର ପ୍ରଣବ ଚାନ୍ଦ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶଶାଙ୍କ ଶେଖର ଦାଶ, ମାର୍କେଟିଂ ମ୍ୟାନେଜର ରଞ୍ଜନ ମିଶ୍ରଙ୍କ ସମେତ ଓଟିଡିସିର ଅନ୍ୟ ପଦାଧିକାରୀ, ପୁରୀ ପାନ୍ଥନିବାସର ମ୍ୟାନେଜର ଉପସ୍ଥିତ ଥିଲେ।



କାଫେଟେରିଆକୁ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରୁଛନ୍ତି।



## ଉଦ୍‌ଘାଟନ କଲେ ଓଟିଡିସି ଅଧ୍ୟକ୍ଷା

# ୮.୦୯ ଲକ୍ଷ ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ମାଗଣା ରାଶନରୁ ବଞ୍ଚିତ କରିଛନ୍ତି ରାଜ୍ୟ ସରକାର: ଭାଜପା

ଭୁବନେଶ୍ୱର,୧।୪ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନୁଯାୟୀ ଦେଶବାସୀଙ୍କୁ ମାଗଣା ରାଶନ ପ୍ରଦାନ ସମୟ ସୀମାକୁ ଆଗାମୀ ୬ ମାସ ପାଇଁ ଅର୍ଥାତ୍ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କିନ୍ତୁ ଛଳନା କରି ରାଜ୍ୟ ସରକାର ରାଜ୍ୟର ୮.୦୯ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ କରିଛନ୍ତି ବୋଲି ଭାଜପା ମୁଖପାତ୍ର ଠାକୁର ରଣଜିତ୍ ଦାସ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନାରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ତାଲିକାନୁଯାୟୀ ଓଡିଶାର ୩.୨୫ କୋଟି ଗରିବ ହିତାଧିକାରୀ ଲାଭାନ୍ୱିତ ହୋଇଥାନ୍ତେ। କିନ୍ତୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ରାଜ୍ୟର ୮ ଲକ୍ଷ ୯ହଜାର ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଆସନ୍ତା ୬ ମାସ ପାଇଁ ୫ କେଜି ଚାଉଳ ମାଗଣା ଦେବାର ଘୋଷଣା କରିଛନ୍ତି। ରାଜ୍ୟର ୩.୨୫ କୋଟି ହିତାଧିକାରୀଙ୍କୁ ମୋଦି ସରକାର ଆଗାମୀ ୬ମାସ ପାଇଁ ମାଗଣା ରାଶନ ପ୍ରଦାନ ପାଇଁ ପ୍ରସ୍ତୁତ ଥିବାବେଳେ ରାଜ୍ୟ ସରକାର ୮ ଲକ୍ଷ ୯ହଜାର ଲୋକଙ୍କୁ କାହିଁକି ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କଲେ ନାହିଁ ବୋଲି ଦାସ ପ୍ରଶ୍ନ କରିଛନ୍ତି।

## ପୁରୀରେ ଗଡ଼ିଲା ଆଉ ୨ ମୋ ବସ୍



**ପୁରୀ ଅଫିସ, ୧।୪:** ପୁରୀରେ କ୍ୟାପିଟାଲ ରିଜିଅନ ଅଫ ଅର୍ବାନ ଟ୍ରାନ୍ସପୋର୍ଟ ପକ୍ଷରୁ ଆଉ ଦୁଇଟି ନୂଆ ରୁଟରେ ମୋ ବସ୍ ସେବା ଆରମ୍ଭ ହୋଇଛି। ରୁଟ୍ ନଂ ୫୨ ଓ ୫୩ରେ କ୍ରୁଟ୍ ପକ୍ଷରୁ ଏହି ସେବା ଯାତ୍ରୀଙ୍କୁ ପ୍ରଦାନ କରିଛି। ତେବେ ଏହି ଦୁଇ ରୁଟ୍‌ରେ ଶୁକ୍ରବାରଠୁ ମୋ ବସ ଯାତ୍ରାର ସେବା ଶୁଭାରମ୍ଭ ହୋଇଛି। ପୁରୀ ବସ ଷ୍ଟାଣ୍ଡରୁ ଭାୟା ପୁରୀ ରେଳଷ୍ଟେଶନ ଦେଇ ଲାଇଟ ହାଉସ ପର୍ଯ୍ୟନ୍ତ ରୁଟ୍ ନଂ-୫୨ରେ ଗଡ଼ିଛି ମୋ ବସ୍ । ଏଥିସହ ରୁଟ୍ ନଂ-୫୩ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଭାୟା ଅଠରନଳା ଦେଇ ପୁରୀ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲିଛି ମୋ ବସ। ପୂର୍ବରୁ ମଧ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରୁ ପୁରୀ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ୫୦ ନମ୍ବର ରୁଟ୍‌ରେ ଯାତ୍ରୀଙ୍କୁ ସେବା ପ୍ରଦାନ କରିଆସୁଛି କ୍ରୁଟ। ସେହିଭଳି ରୁଟ୍ ନମ୍ବର ୭୦ରେ ମାଷ୍ଟରକ୍ୟାଣ୍ଟିନଠାରୁ କୋଣାର୍କ ପର୍ଯ୍ୟନ୍ତ ମୋ ବସ ସେବା ଜାରି ରହିଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ରୁଦ୍ରାନ୍ସ

ଭୁବନେଶ୍ୱର, ୧।୪ (ବ୍ୟୁରୋ)




ବୟସ ସିନା କମ୍, ହେଲେ ବହୁ ପ୍ରତିଭାର ଅଧିକାରୀ। ମାତ୍ର ୨ବର୍ଷ ୧୧ ମାସ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ହାସଲ କରିଛନ୍ତି ରୁଦ୍ରାନ୍ସ ମହାପାତ୍ର। ତାଙ୍କ ବୟସର ପିଲା ସ୍ପଷ୍ଟ ଭାବେ କଥା କହିପାରୁ ନ ଥିବାବେଳେ ସେ ଅନର୍ଗଳ ମନ୍ତ୍ର ଆଉ ଶ୍ଳୋକ ଗାଉଛନ୍ତି। ବାପା, ଜେଜେବାପାଙ୍କ ମୁହଁରୁ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଭୋଜନ ମନ୍ତ୍ର, ଦୁର୍ଗା ସ୍ତୁତି, ଶିବ ତାଣ୍ଡବ ସ୍ତୋତ୍ରମ୍ ଭଳି ଅନେକ ଶ୍ଳୋକ ମନେ ରଖି ଗାଉଛନ୍ତି। ଖାଲି ସେତିକି ନୁହେଁ, ହିନ୍ଦୀ, ଇଂଲିଶ୍ ରାଇମ୍ସ, ଇଂଲିଶ୍ ଆଲଫାବେଟ୍‌ରେ ୫ଟି ଲେଖାଏ ଶବ୍ଦ, ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ସାଧାରଣ ଜ୍ଞାନ, ୫୯ଟି ପଶୁର ନାଁ, ପକ୍ଷୀ, ବେବି ଆନିମଲ୍ସ, ଫୁଲ, ପନିପରିବା, ଫଳ, ରଙ୍ଗ, ଶରୀରର ୩୦ରୁ ଅଧିକ ଅଙ୍ଗପ୍ରତ୍ୟଙ୍ଗର ନାମ କହିବା, ୧୨ମାସ, ସପ୍ତାହର ୭ ଦିନ, ଇନ୍ଦ୍ରଧନୁର ୭ ରଙ୍ଗର ନାମ, ବିଭିନ୍ନ ପ୍ରକାରର ଶେପ୍ ଆଦିକୁ ପ୍ରାଞ୍ଜଳ ଭାବେ ଚିହ୍ନଟ କରି କହିପାରନ୍ତି। ଜେଜେ ମା' ଓ ଜେଜେବାପାଙ୍କଠାରୁ ପୌରାଣିକ ଗପ, କବିତା, କଥାବସ୍ତୁ ଆଦି ଶୁଣି ଶୁଣି ସେ ମନେ ରଖିଦିଅନ୍ତି ଏବଂ ଖୁବ୍ ସୁନ୍ଦର ଭାବେ ମଧ କହିପାରନ୍ତି। ଏସବୁ ବ୍ୟତୀତ ରୁଦ୍ରାନ୍ସ ଖୁବ୍ ସୁନ୍ଦର ଅଭିନୟ କରିବା ସହ ନିଜ ୟୁଟ୍ୟୁବ୍ ଚ୍ୟାନେଲ୍ 'ମାଇଁ ଲିଟିଲ୍ ହିରୋ ରୁଦ୍ରାନ୍ସ'ରେ ଭିଡିଓ ମାଧ୍ୟମରେ କରୋନା, ରାସ୍ତା କଡ଼ରେ ଆବର୍ଜନା ନ ପକାଇ ଡଷ୍ଟବିନ୍ ବ୍ୟବହାର କରିବା, ଗଛ ନ କାଟିବା ଆଦି ସମ୍ପର୍କରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଶକ୍ତିଜିତ୍ ମହାପାତ୍ର ଓ ପୌର୍ଣ୍ଣମାସୀ ରାଜଲକ୍ଷ୍ମୀ ସେନାପତିଙ୍କ ଏକମାତ୍ର ପୁତ୍ର ରୁଦ୍ରାନ୍ସ ପୋଖରୀପୁଟରେ ପରିବାର ସହିତ ରହୁଛନ୍ତି। ନିଜ ପୁଅଙ୍କ ସଫଳତା ନେଇ ବାପା ଶକ୍ତିଜିତ୍ କୁହନ୍ତି, ତା'କୁ ଆମେ କୌଣସି କଥା ଶିଖାଇବା ଲାଗି ବାଧ କରି ନ ଥାଉ। ଏତେ ଅଳ୍ପ ବୟସରେ ଏସବୁ ମନେ ରଖିପାରୁଥିବାରୁ ତା' ନାମ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସ ପାଇଁ ଆବେଦନ କରିଥିଲୁ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ଗୁରୁବାର ଆଚିଭର୍ସ ପ୍ୟାକ୍, ମେଡାଲ, ସାର୍ଟିଫିକେଟ, ଆଇକାର୍ଡ ଆଦି ପହଞ୍ଚିବା ପରେ ତା'ର ସଫଳତାରେ ଆମେ ବେଶ୍ ଖୁସି ଅଛୁ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଏବେ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭ



@ ବୁବୁନା



@ ଅଞ୍ଜନା



@ ସଞ୍ଜୟ



@ ଡିଲୀ



@ ତୋଫାନ

# ଚକରେ ସଂଯୋଗ ହେଲା ଅଖ

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର,୧।୪(ଡି.ଏନ୍.ଏ.)

ଆସନ୍ତା ଅଶୋକାଷ୍ଟମୀରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏ ନେଇ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନିର୍ମାଣ ହେଉଥିବା ରଥ ଚକରେ ନୂଆ ଅଖ ଲାଗି ହୋଇଛି। ବିଧି ମୁତାବକ ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ଛାମୁ ପରିଷ୍କାର କରାଯାଇ ମହାସ୍ନାନ ଦିଆଯାଇଥିଲା। ପରେ ଠାକୁରଙ୍କ ବେଶ କରାଯାଇଥିଲା। ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀ ଖଇଦହି ବଲ୍ଲଭ ସରିବା ପରେ ପାଳିଆ ପୂଜାପଣ୍ଡା ସେବାୟତ ମଣ୍ଟୁ ପୂଜାପଣ୍ଡାଙ୍କ ସହ ପତ୍ରୀ, ଚର୍ଚ୍ଚେଇତ, ମନ୍ଦିର ସୁପରଭାଇଜର, ପର୍ବଯାତ୍ରୀ ବିଶୋଇ ଘଣ୍ଟ କାହାଳି ସହ ରଥଖଳାରେ ପହଞ୍ଚିଥିଲେ। ପତ୍ରୀ ସେବକ ଅଖରେ ଚନ୍ଦନ, ସିନ୍ଦୂର, ଫୁଲମାଳ ଦେଇସାରିବା ପରେ ଅଖ ପାଖରେ କଳସ ସ୍ଥାପନ କରାଯାଇଥିଲା। ପତ୍ରୀ ସେବକ ଠା' କରିଥିଲେ। ଏହାପରେ ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ଉକ୍ତ କଳସ ଓ ଅଖକୁ ପୂଜାକରି ଧୂପ ଦୀପ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ରଥ ନିର୍ମାଣରେ ନିୟୋଜିତ ମହାରଣା ସେବାୟତମାନେ ଚକରେ ଅଖ ସଂଯୋଗ କରିଥିଲେ।



ଓଡ଼ିଶା ଦିବସ ଅବସରରେ ଶୁକ୍ରବାର କଟକ ଜିଲା କ୍ରୀଡା ସଂସଦ ପକ୍ଷରୁ ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ଗଣଦୌଡ ପ୍ରତିଯୋଗିତା।



ରାଜଭବନରେ ଶୁକ୍ରବାର 'କୋଣାର୍କ ଚକ୍ର' ସ୍ଥାପତ୍ୟ ସ୍ଥାପନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଏହାକୁ ତିଆରି କରିଥିବା ବିଶ୍ୱନାଥ ରଣା ଓ ଅନ୍ୟମାନେ।



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ ଚାଲିଛି। ଶୁକ୍ରବାର ଚକରେ ଅଖ ସଂଯୋଗ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

**ବୁଲେଟ୍‌-ମୋ ବସ୍‌ ମୁହାଁମୁହିଁ ଧକ୍କା, ଜଣେ ମୃତ**

ବାରଙ୍ଗ, (ଡି.ଏନ୍‌.ଏ.): ତ୍ରିଶୂଳିଆ ନିକଟସ୍ଥ ସୁବାଷ ବୋଷ ସେତୁ ଉପରେ ଶୁକ୍ରବାର ରାତିରେ ମୋ ବସ ସହ ଏକ ବୁଲେଟ ଗାଡି ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବୁଲେଟରେ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଓଡି୧୫ଡି ୭୭୭୭ ନଂ ବୁଲେଟରେ ଦୁଇଜଣ ଯୁବକ କଟକ ପଟକୁ ଯାଉଥିଲେ। ବିପରୀତ ପଟରୁ ଦ୍ରୁତଗତିରେ ଆସୁଥିବା ଓଭି-୨୪୧୦ ନଂ. ବିଶିଷ୍ଟ ମୋ ବସ ବୁଲେଟକୁ ସାମ୍ନା ପଟରୁ ଧକ୍କା ଦେଇଥିଲା। ଖବର ପାଇ ମାର୍କେଟ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୧।୪(ବ୍ୟୁରୋ):** ଖାରବେଳନଗର ଥାନା ଅଧୀନ ସତ୍ୟନଗର ସ୍ଥିତ କାଳୀବସ୍ତି ଅଞ୍ଚଳରୁ ଶୁକ୍ରବାର ପୋଲିସ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୋନୁ ମେହେର। ତାଙ୍କ ଘର ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରେ ହୋଇଥିବା ବେଳେ ସେ ଏଠାରେ ସାଙ୍ଗଙ୍କ ସହ ଭଡ଼ାରେ ରହୁଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଅନ୍ତା,୧।୪ (ଡି.ଏନ୍‌.ଏ.):** ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ଅଧକ୍ଷ ଡ.ଧରଣୀଧର ସ୍ୱାଇଁଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟରେ ଏକ ସଭା ଅଧାପକ ବିଜୟ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଅଧକ୍ଷଙ୍କୁ ସମୟାନୁବର୍ତ୍ତିତା ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଧୀରେନ କୁମାର କର, ଯତୀନ୍ଦ୍ର ସ୍ୱାଇଁ, ଗୋଲକ ନାୟକ, ସତ୍‌ପୁଦ୍ଦିନ ଅହମ୍ମଦ, ଗଗନ ବେଉରା, ପ୍ରଶାନ୍ତ କୁମାର ଦାସ, ଚୌଧୁରୀ ଅଜୟ ଦାସ, ତପନ ଜେନ, କୈଳାସ ପାତ୍ର, ଅକ୍ଷୟ ଛୋଟରାୟ ଅତିଥି ରୂପେ ଯୋଗଦେଇଥିଲେ। ଅଧାପିକା ରଶ୍ମି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ଜୟନ୍ତୀବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

### 'ଶିଶୁପାଳଗଡ଼ ଦ ଲଷ୍ଟ ସିଟି' ଉନ୍ମୋଚିତ

**ଭୁବନେଶ୍ୱର,୧।୪(ବ୍ୟୁରୋ):** କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ତରଫରୁ ବୁଦ୍ଧ ମନ୍ଦିରରେ ଉତ୍କଳ ଦିବସ ସମାରୋହ ଶୁକ୍ରବାର ପାଳନ ହୋଇଯାଇଛି। ସଂଗଠନ ଅଧକ୍ଷ ତଥା ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମେୟର ସୁଲୋଚନା ଦାସ, ଓଡ଼ିଶା ମୋ ପରିବାରର ଅଧକ୍ଷ ଅରୂପ କୁମାର ପଟ୍ଟନାୟକ, ସ୍ତମ୍ଭକାର ଡ. ଅରୁନ୍ଧତୀ ଦେବୀ, ମଧ୍ୟ-ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, କବି ଡ. ହୁସେନ ରବି ଗାନ୍ଧି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ବାର୍ଷିକ ସ୍ମରଣିକା (ଉତ୍କଳ ଦିବସ ବିଶେଷାଙ୍କ) "ଶିଶୁପାଳଗଡ଼ ଦ ଲଷ୍ଟ ସିଟି' ଉନ୍ମୋଚିତ ହୋଇଥିଲା। ଉତ୍କଳୀୟ ସଂସ୍କୃତି, ଉତ୍କଳର ଗୌରବ, ଇତିହାସ, ପରମ୍ପରାକୁ ସୁରକ୍ଷା ଓ ପୁନଃର୍ଜୀବିତ କରିବା ପାଇଁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସମ୍ପ୍ରତି ଯୁବ ସମାଜର କର୍ତ୍ତବ୍ୟ ସଂପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ "ଉତ୍କଳ ଶ୍ରୀ-୨୦୨୨ ସମ୍ମାନରେ ସମ୍ମାନିତ କରାଯିବା ସହିତ ବିଏମ୍‌ସି ପ୍ରଥମ ମହିଳା ମେୟର ସୁଲୋଚନା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ କାପୋକ ପ୍ରତିଭା ସମ୍ମାନ ୨୦୨୨ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗଞ୍ଜେଇ ଚାଲାଣର ମାଧ୍ୟମ ପାଲଟିଛି ଟ୍ରେନ୍‌

**ଭୁବନେଶ୍ୱର ରେଳ ଷ୍ଟେଶନ ବର୍ଷକରେ ୩୩୨.୧ କେଜି ଗଞ୍ଜେଇ ଜବତ, ୨୩ ଗିରଫ**



ଭୁବନେଶ୍ୱର, ୧।୪ (ବ୍ୟୁରୋ)

ରାଜ୍ୟରେ ଗଞ୍ଜେଇ ଚୋରାଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗଞ୍ଜେଇ ବେପାରିମାନେ ନୂଆ ନୂଆ କୌଶଳ ଅବଲମ୍ବନ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ କରିବାରେ ସକ୍ରିୟ ହୋଇପଡିଛନ୍ତି। କେତେବେଳେ କଖାରୁ ବୋଝେଇ ଗାଡିରୁ ତ ପୁଣି କେତେବେଳେ କଦଳୀ ଗାଡିରେ ଗଞ୍ଜେଇ ଚାଲାଣ କରୁଛନ୍ତି। ତେବେ ପୋଲିସ ହାତରେ ଧରାପଡିବା ପରେ ଚୋରା ଚାଲାଣକାରୀମାନେ କୌଶଳ ବଦଳାଉଛନ୍ତି। ରାସ୍ତା ପଥରେ ନ ଯାଇ ନ ଯାଇ ଟ୍ରେନକୁ ଗଳା ବାଟ କରି କୋଟି କୋଟି ଟଙ୍କାର ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନରୁ ୨୦୨୦ ମସିହାରେ ରେଲ୍‌ୱେ ପୋଲିସ ୫୬୬.୧ କେଜି ଗଞ୍ଜେଇ ଜବତ କରିଥିଲା। ୯ଟି ମାମଲା ରୁଜୁ କରାଯାଇ ମୋଟ ୧୮ ଜଣଙ୍କୁ ଗିରଫ କରିଯାଇଥିଲା। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ପୁରୁଷ ୧୩ ଜଣ ହୋଇଥିବା ବେଳେ ୫ ଜଣ ମହିଳା ଅଛନ୍ତି। ସେହିପରି ୨୦୨୧ରେ ଗଞ୍ଜେଇ ଚୋରାଚାଲାଣ ସାମାନ୍ୟ ହ୍ରାସ ପାଇଥିବାବେଳେ ଗିରଫ ସଂଖ୍ୟା ବୃଦ୍ଧି ପାଇଛି। ଉକ୍ତ ବର୍ଷକରେ ୩୩୨.୧ ଗଞ୍ଜେଇ ଜବତ କରାଯାଇଥିବାବେଳେ ମୋଟ ୨୩ ଜଣଙ୍କୁ ଗିରଫ କରାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ଟ୍ରେନର ମୁଖ୍ୟ ଫାଟକଠୁ ଆରମ୍ଭ କରି ଷ୍ଟେଶନ ପରିସରରେ ରେଲ୍‌ୱେ ପୋଲିସ ୨୪ ଘଣ୍ଟା ପଇଁତାର ମାରୁଥିବା ସତ୍ତ୍ୱେ ବେପାରୀମାନେ ଟ୍ରେନ ମାଧ୍ୟମରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଛନ୍ତି କିପରି ? ସେହିପରି ଟ୍ରେନରେ ଅଧିକାଂଶ ଯାତ୍ରୀ ଯାତ୍ରା କରୁଥିବାରୁ ଚେକିଂରେ ଢିଲା ହୋଇଥିବା ଦେଖି ଟ୍ରେନକୁ ଗଳା ବାଟ କରି ଗଞ୍ଜେଇ ଚୋରାଚାଲାଣ କରୁନାହାନ୍ତି ତ ? ଏନେଇ ଜିଆର୍‌ପି ଥାନା ଆଇଆଇସିଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁମାନେ ଚୋରାଚାଲାଣ କରୁଛନ୍ତି, ନଜର ପଡିଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଗିରଫ କରାଯାଉଛି।



ଭୁବନେଶ୍ୱରର ୟୁନିଟ୍‌-୪ ସ୍ଥିତ ମଧୁପାର୍କ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମଧୁସୂଦନ ନଗରବାସିନ୍ଦାଙ୍କ ସମେତ ଉକ୍ତ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ବରିଷ୍ଠ ସଦସ୍ୟଙ୍କ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଓଡ଼ିଶା ଦିବସ ପାଳନ କରାଯାଉଛି।

## 'ଲୋକଙ୍କ ଆସ୍ଥାଭାଜନ ଲାଗି କମିଶନରେଟ ପୋଲିସ ଅହରହ କାମ କରିବ'

ଭୁବନେଶ୍ୱର,୧।୪ (ବ୍ୟୁରୋ)

କମିଶନରେଟ ପୋଲିସ ପକ୍ଷରୁ ଓଡ଼ିଶା ପୋଲିସର ୮୭ତମ ପ୍ରତିଷ୍ଠା ଦିବସ ୭ମ ବାଟାଲିଅନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କହିଥିଲେ, ଆଗାମୀ ଦିନରେ ଭଲ କାମ କରି ଲୋକଙ୍କ ଆସ୍ଥାଭାଜନ ହୋଇପାରିବ ସେନେଇ କମିଶନରେଟ ପୋଲିସ ଅହରହ କାମ କରିବ। ସେବା ଓ ସୁରକ୍ଷା ମନୋବୃତ୍ତି ନେଇ ପୋଲିସ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପାଇଁ ପୂର୍ବରୁ ଯେଉଁ କର୍ଯ୍ୟକ୍ରମ ଚାଲିଥିଲା ତାକୁ ଆଗେଇ ମଧ ନେବ। ସେହିପରି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଷ୍ଟ୍ରେସ ମ୍ୟାନେଜମେଣ୍ଟ ପାଇଁ ବ୍ଲିସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ପୋଲିସ କ୍ୟାମ୍ପସରେ ଏକ ଶିଶୁ ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଦିବସ ଅବସରରେ ପୋଲିସ କମିଶନର କାର୍ଯ୍ୟାଳୟରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଲିଓଡ୍‌ କଳାକାର ସବ୍ୟସାଚୀ ମିଶ୍ର, ଆକାଶ ଦାସ ନାୟକ, ଭୂମିକା, ଅର୍ଚ୍ଚିତା, ନାଜିଆ, ସୁରମୟୀ, ଅସୀମା ପଣ୍ଡା, ଲକ୍ଷ୍ମୀକାନ୍ତ ପାଲିତ, ହାସ୍ୟ ଅଭିନେତା ପ୍ରଜ୍ଞାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବସ୍ତିଚାଲ ଅଭିଯାନକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ଆୟୋଜିତ ହୋଇଥିବା ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ଅତିରିକ୍ତ କମିଶନର ନୀତି ଶେଖର, ଭୁବନେଶ୍ୱର ଡିସିପି ଡ.ଉମାଶଙ୍କର ଦାଶ, କଟକ ଡିସିପି ପ୍ରତୀକ ସିଂହ, ଟ୍ରାଫିକ ଡିସିପି ଏସ୍‌.ସୁଶ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ଦିବସ ପଶ୍ଚିମବଙ୍ଗରେ ଓଡ଼ିଆଙ୍କୁ ଓଡ଼ିଆତ୍ୱର ପ୍ରେରଣା ଦେବ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ କୃତି 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ଓ ସତ୍ୟବାଦୀ ବକୁଳବନର ପୁଣ୍ୟଭୂମି ପଞ୍ଚସଖାଙ୍କ ପୀଠରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନଠୁ ଆରମ୍ଭ କରି ଓଡ଼ିଆ ଭାଷା ଓ ସାହିତ୍ୟର ଜନକ ଆଦିକବି ସାରଳା ଦାସଙ୍କର ସମ୍ମାନରେ ଦିଲ୍ଲୀର ଜେଏନ୍‌ୟୁରେ ଗବେଷଣା ପାଇଁ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା ସରକାରଙ୍କ ଏକ ବଡ଼ ଉପଲବ୍ଧି। ଓଡ଼ିଆ ସଂସ୍କୃତି, ସାହିତ୍ୟ ଓ ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ପ୍ରକାଶ କରିଛନ୍ତି। ଶୁକ୍ରବାର କୋଲକାତାରେ ଓଡ଼ିଶା ମିଳିତ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ଦିବସ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ମତ ଦେଇଛନ୍ତି। ପ୍ରବାସୀ ପଶ୍ଚିମବଙ୍ଗରେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ମଧ୍ୟରେ ସାଂସ୍କୃତିକ ନବ ଜାଗରଣ ପାଇଁ ତଥା ଆତ୍ମପରିଚିତିରେ ଏହି ମହାନପର୍ବ ପଶ୍ଚିମବଙ୍ଗରେ ଓଡ଼ିଆ ଭାଇଭଉଣୀଙ୍କୁ ଓଡ଼ିଆତ୍ୱର ପ୍ରତିଷ୍ଠା ପାଇଁ ପ୍ରେରଣା ଦେବ। ପ୍ରାୟ ୨୦ରୁ ଅଧିକ ଓଡ଼ିଆ ସ୍କୁଲ ଏଠାରେ ରହିଛି। କୋଲକାତାରେ ପ୍ରବାସୀ ଓଡ଼ିଆଙ୍କ ସଂଗଠନଗୁଡ଼ିକ କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ସଂସ୍କୃତି, ଧାର୍ମିକ, ବୃତ୍ତିଗତ ଶିକ୍ଷାକ୍ଷେତ୍ରରେ ଅନେକ କାର୍ଯ୍ୟ କରୁଛନ୍ତି। ଉତ୍କଳ ମିଳିତ ମଞ୍ଚର ସଭାପତି ରବିନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଗଠନର ସମ୍ପାଦକ ବିଜୟ କୁମାର ବାରିକ ଉଦ୍‌ବୋଧନ ଦେଇଥିଲେ। ସାହିତ୍ୟିକ ସକଳାନନ୍ଦୀ, ବାସୁଦେବ ମିଶ୍ର, ସୁଶାନ୍ତ ପଣ୍ଡା, ପ୍ରଶାନ୍ତ ଦାସ ଓ କୁମୁଦ ସାହୁ ଯୋଗଦେଇଥିଲେ।

## ଭାଷା ସମାଜ, ସଂସ୍କୃତିର ଉନ୍ନତିର ସୋପାନ

ଭୁବନେଶ୍ୱର, ୧।୪ (ବ୍ୟୁରୋ)

ଭାଷା ହିଁ ଜାତିର ମେରୁଦଣ୍ଡ । ଭାଷା ସମାଜ ଓ ସଂସ୍କୃତିର ଉନ୍ନତିର ସୋପାନ। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ୧୭ତମ ପ୍ରତିଷ୍ଠା ଦିବସ ଓ ଓଡ଼ିଶା ଦିବସକୁ ଉଦ୍‌ଘାଟନ କରି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ଭାଷା ପ୍ରତିଷ୍ଠାନ ଓଡ଼ିଆ ଭାଷାର ଉନ୍ନତି ଦିଗରେ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ କହିଲେ, ଭାଷା ହିଁ ଜନଜୀବନକୁ ବୁଦ୍ଧିମନ୍ତ କରେ ଓ ଭାଷା ହିଁ ଆମ ଅସ୍ମିତାର ପ୍ରତୀକ। ବିଭାଗୀୟ ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନ ସଭାପତି ରଞ୍ଜନ କୁମାର ଦାସ ପ୍ରାଚୀନ ଓଡ଼ିଆ ଭାଷା ପ୍ରତି ସୃଷ୍ଟି ହୋଇଥିବା ସମସ୍ୟାର ଆଶୁ ସମାଧାନ ଦିଗରେ ଭାଷା ପ୍ରତିଷ୍ଠାନର ପଦକ୍ଷେପଗୁଡ଼ିକ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ଡକ୍ଟର ଶାନ୍ତନୁ କୁମାର ସର ଯୋଗଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଓଡ଼ିଶା ଦିବସ ସମ୍ପର୍କରେ କହିଥିଲେ।

## ବିଦ୍ୟୁତ୍‌ ଯୋଗାଣ ପାଇଁ ଟିପିସିଓଡିଏଲ୍‌ର ଅଭିନବ ପ୍ରୟାସ

ଭୁବନେଶ୍ୱର,୧।୪ (ବ୍ୟୁରୋ)

ଗ୍ରାହକମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍‌ ଯୋଗାଣ କରିବା କ୍ଷେତ୍ରରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌(ଟିପିସିଓଡିଏଲ୍‌) ପକ୍ଷରୁ ଏହାର କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ଭ୍ରାମ୍ୟମାଣ କମ୍ପାକ୍ଟ ସବ୍‌ଷ୍ଟେଶନର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍‌. ସେନ୍‌ବାଗମଙ୍କ ଉପସ୍ଥିତିରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଭ୍ରାମ୍ୟମାଣ କମ୍ପାକ୍ଟ ସବ୍‌ଷ୍ଟେଶନରେ ରହିଛି ଏକ ବିତରଣ ଟ୍ରାନ୍ସଫରମର, ଲୋ-ଭୋଲ୍‌ଟେଜ୍‌ ସୁଇଚ୍‌ଗିୟର, ମିଟରିଂ ଉପକରଣ, ସର୍ଜ ସୁରକ୍ଷା ଓ ଏକ ଭ୍ରାମ୍ୟମାଣ ଟ୍ରଲିରେ ଲାଗିଥିବା ଏକ ତାର ସଂଯୋଗ ବ୍ୟବସ୍ଥା ରହିଛି। ଭ୍ରାମ୍ୟମାଣ କମ୍ପାକ୍ଟ ସବ୍‌ଷ୍ଟେଶନ ହେଉଛି ଏକ ପ୍ଲଗ୍‌ ଇନ୍‌ ପ୍ରକାରର ସବ୍‌ଷ୍ଟେଶନ ଓ ଏହାକୁ ସ୍ଥାପନ କରିବା ଲାଗି ପରିବହନ ସେବା ସମୟ ବ୍ୟତୀତ ୧-୧.୫ ଘଣ୍ଟା ସମୟ ଦରକାର ହୋଇଥାଏ।

ଗ୍ରୀଷ୍ମଋତୁରେ ବିଭିନ୍ନ କାରଣରୁ ସ୍ଥାପନ କରାଯାଇଥିବା ଟ୍ରାନ୍ସଫରମର ଅଚଳ ହୋଇପଡ଼ିବା ଭଳି ସ୍ଥିତିରେ ଗ୍ରାହକମାନଙ୍କ ଲାଗି ବିଦ୍ୟୁତ୍‌ ବିଭ୍ରାଟ ହ୍ରାସକରିବା ପାଇଁ ସାମୟିକ ଭାବେ ଏହାକୁ ବ୍ୟବହାର କରାଯାଏ। ସହରାଞ୍ଚଳ ଓ ସହର ଉପାନ୍ତ ଅଞ୍ଚଳଗୁଡ଼ିକରେ ଦ୍ରୁତ ଭାବେ ବିଦ୍ୟୁତ୍‌ ସେବାକୁ ସ୍ୱାଭାବିକ କରିବା ଲାଗି ଟିପିସିଓଡିଏଲ୍‌ ପକ୍ଷରୁ ୮ଟି ଭ୍ରାମ୍ୟମାଣ ସବ୍‌ଷ୍ଟେଶନ ସଂଗ୍ରହ କରାଯାଇଛି। ଉଦ୍‌ଘାଟନୀ ଅବସରରେ ଶକ୍ତିମନ୍ତ୍ରୀ ମିଶ୍ର କହିଛନ୍ତି, ଓଡ଼ିଶାବାସୀଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍‌ ଯୋଗାଣକୁ ନିଶ୍ଚିତ କରିବା ହେଉଛି ପ୍ରାଥମିକତା। ଏହି ଅଭିଯାନ ପାଇଁ ମୁଁ ଟିପିସିଓଡିଏଲ୍‌ ଟିମ୍‌କୁ ଧନ୍ୟବାଦ ଜଣାଉଛି। ଏହା ଭରସାଯୋଗ୍ୟ ବିଦ୍ୟୁତ୍‌ ଯୋଗାଣ ଦିଗରେ କାର୍ଯ୍ୟ କରିବ। ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସେନ୍‌ବାଗମ୍‌ କହିଛନ୍ତି, ଗ୍ରୀଷ୍ମଋତୁ ସହ ଆସିଥିବା ଅତିରିକ୍ତ ଲୋଡ୍‌ ପାଇଁ ଦେଖାଦେଇଥିବା ଆହ୍ୱାନର ମୁକାବିଲା ଦିଗରେ ଏହା ଏକ ଉତ୍ତମ ପଦକ୍ଷେପ। ଟ୍ରାନ୍ସଫରମର ଅଚଳ ହେବାର କିଛି ଘଣ୍ଟା ଭିତରେ ଭରସାଯୋଗ୍ୟ ବିଦ୍ୟୁତ୍‌ ଯୋଗାଣ ନିଶ୍ଚିତ ହୋଇପାରିବ।

## ବରପୁତ୍ରଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧।୪ (ବ୍ୟୁରୋ)

ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ଓ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଶା ପ୍ରଦେଶ ଗଠନରେ ଏହି ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ନିମାଇଁଚରଣ ଦାସ ଓ ନିରଞ୍ଜନ ଦାଶ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସୁବ୍ରତ ମହାପାତ୍ର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଦିପ୍ତିମୟୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ଉତ୍କର୍ଷ ସମ୍ମାନ ପ୍ରଦାନ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଓଡ଼ିଶା ଦିବସ ଅବସରରେ ସାପ୍ତାହିକ ସମ୍ବାଦପତ୍ର 'ଓଡ଼ିଶା ମିରର୍‌' ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଉତ୍କଳ ଦିବସ ସମାରୋହ ଏବଂ ଉତ୍କଳ ଉତ୍କର୍ଷ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବରେ ଅନୁବାଦିକା ପ୍ରଫେସର ଡ. ଭେଦୁଲା ରାମଲକ୍ଷ୍ମୀ, ସମ୍ମାନିତ ବକ୍ତା ଭାବେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ମିଷ୍ଟର ଇଣ୍ଡିଆ ଆଟିଭର ସତ୍ୟଜିତ ପ୍ରତିହାରୀ ଯୋଗଦେଇଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ଦିଲୀପ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ସହଯୋଗୀ ସମ୍ପାଦକ ମାନସ ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବର୍ଷା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଯୁବ କବି ରଶ୍ମି ରଞ୍ଜନ ରାଉତଙ୍କ ପ୍ରଥମ କବିତା ସଂକଳନ 'ଭୋକର ଭଗ୍ନାଂଶ' ଉନ୍ମୋଚିତ ହୋଇଥିଲା। ସଙ୍ଗୀତ ଦାସ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଉତ୍କଳ ଉତ୍କର୍ଷ ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା।

## ସାଇ ଇଣ୍ଟରନ୍ୟାଶନାଲ୍‌ ସ୍କୁଲ୍‌ରେ ଓଡ଼ିଶା ଦିବସ




ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧।୪(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ୍‌ ସ୍କୁଲ୍‌ରେ ୮୭ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଅରବିନ୍ଦ ଦାସ ଯୋଗଦେଇ କହିଲେ, ପୃଥିବୀରେ ଏକ ହଜାରରୁ ଊର୍ଦ୍ଧ୍ୱ ଭାଷା ବିଲୋପ ହୋଇଯାଇଥିବାବେଳେ ପ୍ରଥମ ଏକଶହ ଭାଷା ମଧ୍ୟରେ ଓଡ଼ିଆ ଭାଷା କିପରି ରହିବ, ଏହାର ଦାୟିତ୍ୱ ନେବା ପାଇଁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାର ପ୍ରଚାର ପ୍ରସାର ପାଇଁ ଛାତ୍ରୀଛାତ୍ର କାର୍ଯ୍ୟ କରନ୍ତୁ ବୋଲି ଦାସ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଛାତ୍ରୀଛାତ୍ରଙ୍କ ବକ୍ତୃତା, କବିତା ଆବୃତ୍ତି, ନାଟକ, ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶାର ବରପୁତ୍ର ଓ ସାଂସ୍କୃତିକ ବୈଚିତ୍ର୍ୟକୁ ନେଇ ପିଲାମାନେ ଏକ ଚିତ୍ର ପ୍ରଦର୍ଶନୀ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ସିନିୟର ପ୍ରିନ୍ସିପାଲ୍‌ ନୀଳକଣ୍ଠ ପାଣିଗ୍ରାହୀ, ପ୍ରିନ୍ସିପାଲ୍‌ ସେକେଣ୍ଡାରୀ ପ୍ରକାଶ ସାହୁ ଓ ଓଡ଼ିଆ ବିଭାଗର ମୁଖ୍ୟ ବୈଜୟନ୍ତୀ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଓଡ଼ିଆ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଉତ୍ତମ ନାଗରିକ ଗଢ଼ିବାକୁ ପରାମର୍ଶ

**ୟୁନିଭର୍ସିଟି ହାଇସ୍କୁଲ୍‌ରେ ୧୧ ଶିକ୍ଷକଙ୍କୁ ନିଯୁକ୍ତି କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୧।୪ (ବ୍ୟୁରୋ)

ବାଣୀବିହାର ୟୁନିଭର୍ସିଟି ହାଇସ୍କୁଲରେ ଏକକାଳୀନ ୧୧ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏହି ନିଯୁକ୍ତି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ସୁବ୍ରତ ବାଗ୍‌ଚୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ସ୍କୁଲର ସ୍ମୃତିକୁ ବଖାଣିଥିଲେ। ସେ କହିଥିଲେ, ମୁଁ ପଢୁଥିବା ସମୟର ଜରାଜୀର୍ଣ୍ଣ ସ୍କୁଲଟି ଆଜି ଅତ୍ୟାଧୁନିକ ସୁବିଧା ସହ ପୂର୍ଣ୍ଣ ଜନ୍ମ ପାଇଛି। ଏଠାରେ ବହୁ ଆଗରୁ ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନରେ ଏଥିପାଇଁ ପୁରାତନ ଛାତ୍ରଙ୍କଠାରୁ ସଂଗ୍ରହୀତ ଅନୁଦାନ ସହ ଦୁଇଗୁଣା ସରକାରୀ ଅନୁଦାନ ବିନିଯୋଗ ହୋଇଛି। ପୂର୍ବରୁ ଏହି ସ୍କୁଲରେ ୬୩୦ଜଣ ଛାତ୍ରରେ ମାତ୍ର ୮ଜଣ ଶିକ୍ଷକ ଥିଲେ। ସେହି ସମସ୍ୟା ଏବେ ଦୂର ହୋଇଛି। ଓଡ଼ିଶା ଶିକ୍ଷା ଇତିହାସରେ ପ୍ରଥମଥର ଏକାଥରରେ ନିମ୍ନ ପ୍ରାଥମିକ ସ୍ତରରେ ୭ଜଣ ଓ ମାଧ୍ୟମିକ ସ୍ତରରେ ୪ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାରୁ ଶିକ୍ଷା, ଶିକ୍ଷାୟତନ ଓ ଶୈକ୍ଷିକ ପରିବେଶ ବେଶ ମାର୍ଜିତ ହୋଇଛି। ନବ ନିଯୁକ୍ତ ୧୧ ଜଣ ଶିକ୍ଷକଙ୍କୁ ସ୍ୱାଗତ ଜଣାଇବା ସହ ବାଗ୍‌ଚୀ ସେମାନଙ୍କୁ ଦେଶଜାତି ପାଇଁ ଉତ୍ତମ ନାଗରିକ ଗଢ଼ି ତୋଳିବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆଜିର ଏ ପରିବର୍ତ୍ତନ ନିମନ୍ତେ ଧନ୍ୟବାଦ ଜଣାଇବା ସହ ଆଗକୁ ଇ-ଲାଇବ୍ରେରୀ ଓ ବହୁମୁଖୀ ସୌଧ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ।

ବାଣୀବିହାର ରେଜିଷ୍ଟ୍ରାର ଡ. ଅଭୟ ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସତ୍ୟବ୍ରତ ସାହୁ, ଏଲିମେଣ୍ଟାରୀ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ପୁରାତନ ଛାତ୍ର ସଂସଦ ସଭାପତି ଦୀପକ କୁମାର ସ୍ୱାଇଁଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଏହି ଉତ୍ସବରେ ଯୋଗଦେଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେବୀ ସ୍ୱାଗତ ଭାଷଣ ଓ ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ସାହୁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଂଗୃହୀତ ୪୦ ଲକ୍ଷ ଟଙ୍କା ଓ ମୋ ସ୍କୁଲ ଅଭିଯାନରେ ଦୁଇ ଗୁଣା ସରକାରୀ ସହାୟତା ୮୦ ଲକ୍ଷ ମିଶି ମୋଟ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ସହ ଏହାର ବହୁମୁଖୀ ଉପଯୋଗିତା କରାଯିବ।



ଶୁକ୍ରବାର ଓଡ଼ିଶା ଦିବସରେ ଭୁବନେଶ୍ୱର ଏଜି ଛକସ୍ଥିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ସାମାଜିକ ଅନୁଷ୍ଠାନ ପାରଳା ଗଜପତି ବିକାଶ ମଞ୍ଚର ସଭ୍ୟାସଭ୍ୟମାନେ।



ୟୁନିଟ୍‌-୬ ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟ ପକ୍ଷରୁ ଉତ୍କଳ ଦିବସ ପାଳନ ଅବସରରେ ଦିବ୍ୟାଙ୍ଗ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ସରକାରୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ କରିବା ତଥା ସମସ୍ତ ନାମ ଫଳକକୁ ଓଡ଼ିଆରେ ଲେଖିବା ଦାବିରେ ସମାଜ ଆନ୍ଦୋଳନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ଅଭିନବ ବିକ୍ଷୋଭ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨ ଏପ୍ରିଲ, ୨୦୨୨

**ଓଲସିଂହ ୧୨ ଦୋଳ ମେଳଣ: ସାମିଲ ହେଲେ ୪୦ ଠାକୁର**

**ନିରାକାରପୁର,(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓଲସିଂହଠାରେ ୧୨ଦୋଳ ମେଳଣ ଗୁରୁବାର ରାତିରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ଇଷ୍ଟଦେବ ବଡଗିରିଧାରୀଙ୍କୁ ଗ୍ରାମ୍ୟ ପରିକ୍ରମା କରାଯାଇ ଏକ ସୁସଜ୍ଜିତ ବିମାନରେ ମେଳଣ ପଡିଆକୁ ଅଣାଯାଇଥିଲା। ପରମ୍ପରା ଅନୁଯାୟୀ, ନିମନ୍ତ୍ରଣ ରକ୍ଷା କରି ରମାବିଲି, ପରିଛକ, ଛଣଗିରି, ଦେଉଳି, ଡମଣଭୂମୀ, ଓଗାଳପୁର ଆଦି ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ ଠାକୁର ମେଳଣ ପଡିଆରେ ପହଞ୍ଚିଛନ୍ତି। ଏହି ମେଳଣ ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।



## ସଂକ୍ଷେପରେ

### ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ଜାଗୁଳାଈ



**ଜଟଣୀ,୧।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବୀ ଜାଗୁଳାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବ୍ରତଧାରୀମାନେ ମାଝଣା ପୋଖରୀରୁ ଜଳ ଉଠାଇ ଗ୍ରାମ ପରିକ୍ରମା କରିବା ସହିତ ମନ୍ଦିରରେ ଘଟ ସ୍ଥାପନ କରିଥିଲେ। ସାଳା ମଣ୍ଡନ, ସୂର୍ଯ୍ୟପୂଜା ପରେ ଅଗ୍ନି ଆବାହନ କରାଯାଇ ସନ୍ଧ୍ୟାରେ ମା'ଙ୍କୁ ପୁନଃ ମହାସ୍ନାନ କରାଯିବା ସହିତ ଶୈଳପୁତ୍ରୀ ବେଶରେ ସଜ୍ଜିତ କରାଯାଇଥିଲା। ଷୋଡ଼ସହସ୍ର ଚଣ୍ଡୀପାଠ କରାଯିବା ସହିତ ହୋମଯଜ୍ଞ ରାତ୍ର ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ବହୁ ଶ୍ରଦ୍ଧାଳୁ ଜାଗୁଳାଈଙ୍କ ଶୈଳପୁତ୍ରୀ ବେଶ ଦର୍ଶନ କରିଥିଲେ। ପରିଚାଳନା କମିଟି ସଭାପତି ରାଧାମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ପଣ୍ଡା, ସମ୍ପାଦକ ଏଲ୍.ଡି. ମହାନ୍ତି, କୋଷାଧ୍ୟକ୍ଷ ଅଶୋକ ଦାସ, ସୁନୀଲ ମହାନ୍ତି, ବାଉରିବନ୍ଧୁ ସାହାଣୀ, ସତିଶ ପରିଡ଼ା, ପ୍ରଦୀପ ସୁନ୍ଦରାୟ, ପୂର୍ଣ୍ଣଚନ୍ଦ୍ର ସାହାଣୀ ପ୍ରମୁଖ ସହଯୋଗ କରିଥିବା ବେଳେ ବିଜୟ ପଣ୍ଡା ବେଶ କରିଥିଲେ।

### ୨ଲୁଟେରାଙ୍କୁ ୨ବର୍ଷ କାରାଦଣ୍ଡାଦେଶ

**ଖୋର୍ଦ୍ଧା ଅଫିସ,୧।୪:** ଚଳନ୍ତା ଗାଡିରୁ ଦମ୍ପତିଙ୍କଠାରୁ ସୁନାଅଳଙ୍କାର ଥିବା ବ୍ୟାଗ ଝାମ୍ପି ନେବା ଘଟଣାର ରାୟ ପ୍ରକାଶ ପାଇଛି। ବୁଧବାର ଏହି ମାମଲାର ବିଚାର କରି ଏସ୍‌ଡିଜେଏମ ସୌଦାମିନୀ ସିଂହ ୨ଜଣ ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦର ରାଜ ଦଳବେହେରା ଓ ରଣପୁର ଥାନା ନନ୍ଦପଲୀର ଇସାମୁଦ୍ଦିନ ଖାଁ। ସୂଚନାଥାଉ କି, ୨୦୨୧ ଜୁନ ୪ ରେ ସିଙ୍ଗାରପଲୀ ଗ୍ରାମର ସୁରଜ ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ନିବେଦିତା ବାଇକରେ ଘରକୁ ଫେରୁଥିଲେ। ଏହି ସମୟରେ ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଛକରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ନିବେଦିତାଙ୍କ ଠାରୁ ବ୍ୟାଗ ଝାମ୍ପି ଫେରାର ହୋଇଯାଇଥିଲେ। ଏନେଇ ଦମ୍ପତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏସଡିଜେଏମ ସାକ୍ଷ୍ୟକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

### ଖବରଦାତା ସୂର୍ଯ୍ୟ ମହାନ୍ତିଙ୍କ ପରଲୋକ

**ଜଟଣୀ,୧।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମର ବରିଷ୍ଠ ଖବରଦାତା ତଥା କବି ସୂର୍ଯ୍ୟ ମହାନ୍ତି(୬୩)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି, କବି, ଲେଖକ, ରାଜନେତା ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସୂର୍ଯ୍ୟଙ୍କ ଦ୍ୱାରା ଲିଖିତ କବିତା 'ପ୍ରୀତିଲୋ ସବୁ ତୋରି ପାଇଁ, ପ୍ରୀତି ପାଇଁ ଏକପଦି, ଝରକା ସେପାଖେ, ଡାମରା କାଉ, ହୃଦୟର ଗପ' ଆଦି ଲୋକଙ୍କ ମନକୁ ଛୁଇଁପାରିଥିଲା। ସେ ଏକାଧାରାରେ ଖବରଦାତା, ସ୍ତମ୍ଭକାର, କବି, ଲେଖକ ଓ ସୁ ମଞ୍ଚ ଉଦ୍‌ଘୋଷକ ଭାବେ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବା ବେଳେ ପୁଅ ସତ୍ୟକାମ ମୁଖାଗ୍ନି ଦେଇଥିଲେ।

### ଆଞ୍ଚଳିକ ଭକ୍ତ ସମ୍ମିଳନୀ

**ବେଗୁନିଆ,୧।୪(ଡି.ଏନ୍.ଏ.):** ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ୫୯ତମ ଆଞ୍ଚଳିକ ଭକ୍ତ ସମ୍ମିଳନୀ ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅତ୍ରି ଶାଖା ସଂଘ ଆସନ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ, ନିମାପଡ଼ା, ବନମାଳୀପୁର, ନିଆଳି, ଖୋର୍ଦ୍ଧା, ବେଗୁନିଆ, ସାନପଦର, ବୋଲଗଡ଼, ନୟାଗଡ, ଫୁଲବାଣୀ ଆଦି ୧୭ଟି ଶାଖା ସଂଘର ୩୦୦ରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ନୀଳାଚଳ ସାରସ୍ୱତ ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତ୍ରି ସଂଘର ସଭାପତି ଧନେଶ୍ୱର ଜେନା, ସମ୍ପାଦକ ଧୀରେନ ଜଗଦ୍ଦେବ, ଦୟାନିଧି ବେହେରା, ରଜନୀକାନ୍ତ ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ। କଳ୍ପତରୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୭ ରେ ପୌର ଉପାଧ୍ୟକ୍ଷ ନିର୍ବାଚନ

- ଦୌଡ଼ରେ ବିଜେଡିର ୩ କାଉନସିଲର
- ସ୍ୱାଧୀନ କାଉନ୍‌ସିଲର ନେବେ ନିର୍ଣ୍ଣାୟକ ଭୂମିକା

**ଖୋର୍ଦ୍ଧା ଅଫିସ,୧।୪**

ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ନିର୍ବାଚନ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଦାୟିତ୍ୱ ଗ୍ରହଣ କରିବା ପରେ ବିଜ୍ଞପ୍ତି ଜାରି କରିଛନ୍ତି। ସମସ୍ତ କାଉନ୍‌ସିଲର ପ୍ରାର୍ଥୀ ଉପସ୍ଥିତ ରହି ଭୋଟିଂ ପ୍ରକ୍ରିୟାରେ ସାମିଲ ହେବା ଲାଗି ନୋଟିସ କରିଛନ୍ତି। ଉପାଧ୍ୟକ୍ଷ ଲାଗି ବିଜ୍ଞପ୍ତି ପରେ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଚଳିତ ପୌର ନିର୍ବାଚନରେ ଶାସକ ଦଳ ବିଜେଡି ପୌରାଧ୍ୟକ୍ଷା ସମେତ ୧୩ଟି ଆସନରେ ବିଜୟ ଲାଭ କରିଛି। ସ୍ୱାଧୀନ ପ୍ରାର୍ଥୀ ୫ ଏବଂ ଭାଜପା ୪ଟି ୱାର୍ଡରେ ବିଜୟ ଲାଭ କରିଛି। ବିଜେଡିର ସଂଖ୍ୟା ଗରିଷ୍ଠ ରହିଥିବାରୁ ଦଳରୁ କେହି ଜଣେ ଉପାଧ୍ୟକ୍ଷ ହେବା ନିଶ୍ଚିତ ହୋଇଥିବା ବେଳେ ୩ଜଣ ଆଶାୟୀ ରହିଛନ୍ତି। ତେବେ ଦଳ କାହା ଉପରେ ଭରସା କରିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଉପାଧ୍ୟକ୍ଷ ପଦ ସାଧାରଣ ବର୍ଗ ପାଇଁ ଉର୍ଦ୍ଦିଷ୍ଟ ରହିଛି। ଉପାଧ୍ୟକ୍ଷା ଦୌଡ଼ରେ ଶାସକ ଦଳରୁ ମହିଳା ଓ ପୁରୁଷ ବିଜୟୀ ପ୍ରାର୍ଥୀ ଆଶାୟୀ ରହିଛନ୍ତି। ଦଳୀୟ ନିଷ୍ପତ୍ତି ଯାହା ଆସିବ, ତାହାକୁ ସମସ୍ତେ ମାନିବାକୁ ବାଧ୍ୟ ବୋଲି ଦଳୀୟ ଶିବିରରେ ଚର୍ଚ୍ଚା ହେଉଛି। ଦଳ କାହାକୁ ଉପାଧ୍ୟକ୍ଷ ପ୍ରାର୍ଥୀ କରିବ, ବର୍ତ୍ତମାନ ସୁଦ୍ଧା ନିଶ୍ଚିତ ହୋଇ ନ ଥିବା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଅନ୍ୟପଟେ ସ୍ୱାଧୀନ କିମ୍ବା ଭାଜପାରୁ କେହି ପ୍ରାର୍ଥୀ ଦୌଡରେ ନ ଥିବା ବେଳେ ଉଭୟ ଯାହାକୁ ସମର୍ଥନ କରିବେ, ସେ ଉପାଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ। ଏନେଇ ଶାସକ ଦଳରେ ଛକାପଞ୍ଝା ଆରମ୍ଭ ହୋଇଛି। ଚଳିତ ପୌର ନିର୍ବାଚନରେ ମଧ୍ୟ ବିଧାୟକ ସାହୁଙ୍କ ଏକାଧିକ ସମର୍ଥକ କୁହାଯାଉଥିବା ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀ କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି। ବିଧାୟକ ସାହୁ ଉପାଧ୍ୟକ୍ଷ ଆସନରେ ନିଜ ସମର୍ଥକଙ୍କୁ ବସାଇବା ପାଇଁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ସେହିପରି ବିଧାୟକ ମିତ୍ର ତାଙ୍କର ଜଣେ ନିକଟତର ବିଜୟୀ କାଉନସିଲରଙ୍କ ନାମ ହାଇକମାଣ୍ଡଙ୍କୁ ଜଣାଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ବିଧାୟକ ମିତ୍ର ଏହାକୁ ଖଣ୍ଡନ କରିବା ସହ ଦଳ ଯାହାକୁ ଚୟନ କରିବ, ସେ ପ୍ରାର୍ଥୀ ହେବ ବୋଲି କହିଛନ୍ତି। ଅନ୍ୟପଟେ ଉପାଧ୍ୟକ୍ଷ ଚୟନକୁ ନେଇ ଚାଲିଥିବା ଚର୍ଚ୍ଚାକୁ ବିଧାୟକ ସାହୁ ଗୁଜବ ବୋଲି କହିଛନ୍ତି। ଏଥିରେ ମୋର କୌଣସି ହସ୍ତକ୍ଷେପ ନାହିଁ ବୋଲି ସେ କହିଛନ୍ତି।

# 'ଭାଷା ପରିଚୟ, ସମୃଦ୍ଧି ଆଣେ'



ସମାରୋହରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟ ଅତିଥି।

**ଖୋର୍ଦ୍ଧା ଅଫିସ,୧।୪**

**ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୋରୁ ସହରରେ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ସକାଳେ ଖୋର୍ଦ୍ଧା କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସହରରେ ଥିବା ଏକାଧିକ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

ସନ୍ଧ୍ୟାରେ ସ୍ଥାନୀୟ ଶହୀଦ ଜୟୀ ରାଜଗୁରୁ ଭବନ ପରିସରରେ ଜିଲାସ୍ତରୀୟ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ ମୁଖ୍ୟ ଅତିଥି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ସୁରେଶ କୁମାର ରାଉତରାୟ, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ଅତିଥିଭାବେ ଯୋଗ ଦେଇଥିଲେ। ଐତିହାସିକ ପ୍ରଫେସର ନାରାୟଣ ରାଓ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ଭାଷାଭିତ୍ତିକ ପ୍ରଦେଶ ଗଠନରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ଜାତୀୟସ୍ତରରେ ଓଡ଼ିଶା ସ୍ୱତନ୍ତ୍ର। ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରା, ଭାସ୍କର୍ଯ୍ୟ ଶିଳ୍ପ ପ୍ରଭୃତି ବିଶ୍ୱର ଉତ୍କର୍ଷତା ଲାଭ କରିଛି। ଭାଷାକୁ ନେଇ ଗୋଟିଏ ଜାତି ଗର୍ବ କରେ। ସେହି ଜାତିର ଅସ୍ମିତା ହେଉଛି ତା'ର ଭାଷା। ଭାଷା ପରିଚୟ ଓ ସମୃଦ୍ଧି ଆଣିଥାଏ। ବିଧାୟକ ମିତ୍ର କହିଥିଲେ, ଖୋର୍ଦ୍ଧା ହେଉଛି ଲାଲ୍‌ମାଟିର ଗଡ଼। ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧା ପାଇକଙ୍କ ଅବଦାନ ଅବିସ୍ମରଣୀୟ। ଜିଲାପାଳ ମହାପାତ୍ର କହିଥିଲେ, ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ ସେ ଜାତି ସେତିକି ଉନ୍ନତ। ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ପାଇକରାୟ ମଞ୍ଚ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସଂସ୍କୃତି ଅଧିକାରୀ ମୀରାବାଇ ବେହେରା ପରିଚାଳନା କରିଥିଲେ। ନୃତ୍ୟାୟନୀ ପକ୍ଷରୁ ଓଡ଼ିଶୀ, ଦୟାଳ ସଙ୍ଗୀତ ଏକାଡେମୀ ସମ୍ବଲପୁରୀ, କବିରାଜ ପ୍ରଧାନ ଏବଂ ଖୋର୍ଦ୍ଧା ମାଟିର ଅସ୍ମିତା ପାଇକ ଆଖଡ଼ା ପରିବେଷଣ କରିଥିଲେ। ଶ୍ରୀକାନ୍ତ ଜେନା, ରଘୁନାଥ ସେଠୀ, ଦେବରାଜ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଉତ୍କଳ ସେବା ଅନୁଷ୍ଠାନର ପ୍ରତିଷ୍ଠା ଦିବସ

**ଝାଁଳା,୧।୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଝାଁଳା ପଞ୍ଚାୟତର ଉତ୍କଳ ସେବା ଅନୁଷ୍ଠାନର ୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁରଲୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଯୋଗଦେଇ ଦେଶ ମାତୃକାର ନିଷ୍ଠାପର ସେବା କରିବା ପାଇଁ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଅପର୍ଣ୍ଣା ନାୟକ ଯୋଗଦେଇ ମଦମୁକ୍ତ ଓ ନିଶା ନିବାରଣ ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ମନୋରଞ୍ଜନ ଦାସ ଯୋଗଦେଇ ଅନୁଷ୍ଠାନର ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନାୟକ ଅଭିନେତ୍ରୀ ସଙ୍ଗୀତା ପଟ୍ଟନାୟକ ଓ ଶିଶୁ କଳାକାର ବି.କେ. ବଦ୍ରିନାଥଙ୍କୁ ସମ୍ମାନିତ କରିଥିଲେ। ସଭା ପ୍ରାରମ୍ଭରେ ରମାକାନ୍ତ ଦାସ ସ୍ୱାଗତ ଭାଷଣ, ଅନୁଷ୍ଠାନର ସମ୍ପାଦକ ଅମ୍ବରିଶ ମଙ୍ଗରାଜ ମୁଖପତ୍ର 'ଉଷା' ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### 'ବରପୁତ୍ରଙ୍କ ସ୍ମୃତି ଓଡ଼ିଆ ଜାତିକୁ ସମୃଦ୍ଧ କରେ'

**ବେଗୁନିଆ,୧।୪(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମା ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଶୁକ୍ରବାର ଆଦର୍ଶ କ୍ଲବ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବ କଣ୍ଠଶିଳ୍ପୀ ସଞ୍ଜୟ କୁମାର ପାଣିଗ୍ରାହୀ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ, ମୀର ମେହେଫୁଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ପ୍ରସନ୍ନ ବାରିକ, ମନୋଜ ମହାପାତ୍ର, ଭ୍ରମରବର ଦାସ, ବିଜୟ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଷାରୁ ଜାତିର ସମୃଦ୍ଧି ବଢ଼ିଥାଏ

**ଖୋର୍ଦ୍ଧା ଅଫିସ,୧।୪**

ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ପଞ୍ଚ ପାଇକଙ୍କ ସମେତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗୋପାଳକୃଷ୍ଣ ଦାସ, ଉପଦେଷ୍ଟା ପ୍ରଭାତ ମିଶ୍ର, ଆଇନଜୀବୀ ମନ୍ମଥ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବ୍ୟକ୍ତିର ପରିଚୟ ହେଉଛି ତା'ର ଭାଷା। ଭାଷା ସମୃଦ୍ଧ ହେଲେ ଜାତି ସମୃଦ୍ଧ ହେବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏଡିଏମ୍ ମନୋଜ ପାତ୍ରୀ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଓକିଲ ସଂଘ ସଭାପତି ବିଜୟ ବଳିୟାରସିଂ, ଅଜିତ୍ ପଟ୍ଟନାୟକ, ଶିଶିର ପରିଡା ଉପସ୍ଥିତ ଥିଲେ। ପାଇକ ସଙ୍ଗଠନ ପକ୍ଷରୁ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ଧନେଶ୍ୱର ବିଧାର ପ୍ରମୁଖ ଉପସ୍ଥିତ ଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଭବନ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଯୁଧିଷ୍ଠିର ସାହ, ଅମିୟ ପରିଡ଼ା, ପ୍ରସନ୍ନ ମହାପାତ୍ର, ସୁକାନ୍ତି ସାବୁତ୍, ଜିତ୍ ରଞ୍ଜନ ମହାପାତ୍ର, ସୁଜାତା ଦାଶ, ସୁଧାକର ମହାପାତ୍ର, ଭୀମସେନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# 'ପ୍ରତିବଦ୍ଧତା ରହିଲେ ସମ୍ମାନ ହାସଲ କରିହେବ'

**ଖୋର୍ଦ୍ଧା ଅଫିସ,୧।୪**

ଓଡ଼ିଶା ପୋଲିସର ଜିଲାସ୍ତରୀୟ ୮୭ତମ ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ରିଜର୍ଭ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରବା ସହ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ।

ଏସ୍‌ପି ପହି କହିଥିଲେ ଯେ, ପୋଲିସ ଜନତାର ବନ୍ଧୁ କେବଳ କହିଲେ ହେବନାହିଁ, ବରଂ ବାସ୍ତବ ପ୍ରତିବଦ୍ଧତା ଆବଶ୍ୟକ। ଲୋକଙ୍କ ସହ ଉତ୍ତମ ବ୍ୟବହାର, ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହିଲେ ଜନତାଙ୍କ ହୃଦୟ ଜିଣିପାରିବେ। ସେବା ଓ ସମର୍ପଣ ଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଲେ ଯେ, ଥାନାକୁ ଆସୁଥିବା ବ୍ୟକ୍ତିଙ୍କୁ ଭଲ ବ୍ୟବହାର ସହ ସେମାନଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଅ। ମାଓ, ନକ୍ସଲ ଦମନଠାରୁ ସାଧାରଣ ଜନଜୀବନର ସୁରକ୍ଷା, ଆଇନଶୃଙ୍ଖଳା ନିୟନ୍ତ୍ରଣ ଦିଗରେ ଗୁରୁତ୍ୱ ଦିଆଯାଉଛି। ଭବିଷ୍ୟତରେ ପବ୍ଲିକ ଫ୍ରେଣ୍ଡଲି ପୋଲିସ ଗଠନ ଓଡ଼ିଶା ପୋଲିସର ଲକ୍ଷ୍ୟ ରହିଛି। ସମସ୍ତଙ୍କ ସହଯୋଗ ରହିଲେ ଓଡ଼ିଶା ପୋଲିସର ଗୌରବ, ପ୍ରତିଷ୍ଠା ବୃଦ୍ଧି ପାଇବ। ଏହି ଅବସରରେ ଏସ୍‌ପି ପହି ପୋଲିସ ସେବାରେ ଉତ୍କର୍ଷତା ଲାଗି ବାଲୁଗାଁ ଥାନାର ଉପନିରୀକ୍ଷକ ଦିଲୀପ ସାହୁ, ସଦର ଥାନା ସହ ଉପନିରୀକ୍ଷକ ଦିଲୀପ କୁମାର ବିଶ୍ୱାଳ, ଜଙ୍କିଆ ଥାନା କନ୍‌ଷ୍ଟେବଳ ପ୍ରୀତିମୟୀ ବଡ଼ଜେନା, ରିଜର୍ଭ ପୋଲିସ ଏପିଆର କନ୍‌ଷ୍ଟେବଳ ସୁଦାମ ଚରଣ ବଳିୟାରସିଂ ଏବଂ ଟାଉନ ଥାନା ଟ୍ରାଫିକ୍ କନ୍‌ଷ୍ଟେବଳ ପ୍ରମୋଦ କୁମାର ସାହୁଙ୍କୁ ପୁରସ୍କୃତ କରିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇଥିଲେ। ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ସୁରେନ୍ଦ୍ରନାଥ ମୁର୍ମୁ, ଡିଆଇବି ଡିଏସ୍‌ପି ଅତନୁ ରାଉତ, ଡିଏସ୍‌ପି ଓମ୍‌ପ୍ରକାଶ ପାତ୍ର, ସୁଜିତ କୁମାର ପଣ୍ଡା, ରବିନାରାୟଣ ପାଢ଼ୀ, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସେନାନିବୃତ୍ତ କର୍ମଚାରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।






ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

### ରଥରେ ଲାଗିଲା ନାହାକା



**ନିରାକାରପୁର,୧।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ନିର୍ମାଣ କାର୍ଯ୍ୟର ପ୍ରାୟ ୬୦ପ୍ରତିଶତ ସରିଥିବାବେଳେ ଶୁକ୍ରବାର ରଥରେ ନାହାକା ସଂଯୋଗ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟ ୫ଦିନ ମଧ୍ୟରେ ଶେଷ ହେବ ବୋଲି ମହାରଣାଙ୍କ ପକ୍ଷରୁ ସୂଚନା ମିଳିଛି। ଏହାପରେ ରଥରେ ରଙ୍ଗ ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଏହି ରଥଯାତ୍ରାରେ କପିଳେଶ୍ୱରଙ୍କ ବଡ଼ଭାଇ ଲେଣ୍ଡୋ ପଞ୍ଚାୟତ ଆରେଡ଼ି ଗ୍ରାମସ୍ଥିତ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀ ଦେବୀଙ୍କୁ କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ପକ୍ଷରୁ ନିମନ୍ତ୍ରଣ ଦିଆଯାଇଛି ବୋଲି କମିଟି ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ଏବଂ କିଶୋର କୁମାର ଦାଶଙ୍କଠାରୁ ସୂଚନା ମିଳିଛି।

### ଓୟୁଡବ୍ଲୁଜେ ପକ୍ଷରୁ ସେବା କାର୍ଯ୍ୟ

**ଖୋର୍ଦ୍ଧା ଅଫିସ,୧।୪**

ଓଡ଼ିଶା ଦିବସ ଅବସରରେ ଶୁକ୍ରବାର ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ (ଓୟୁଡ଼ବ୍ଲୁଜେ) ଖୋର୍ଦ୍ଧା ଜିଲା ଶାଖା ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ) ପରିସରରେ ସ୍ୱଚ୍ଛତା ଅଭିଯାନ ଓ ରୋଗୀଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲ ପରିସରରେ ରହିଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, କାଉନସିଲର ସୌର୍ଯ୍ୟ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାତ୍ରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜର ଡା.ବିନାୟକ ପାଣିଗ୍ରାହୀ ଏବଂ ସଙ୍ଗୀତା ସ୍ୱାଇଁ ଯୋଗଦେଇଥିଲେ। ସଂଘ ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ରାଜ୍ୟ ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ଜିଲା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ।

### ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

**ଜଟଣୀ,୧।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ପାର୍କପରିସରରେ ଓଡ଼ିଶା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ଅବନୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା, ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ବିଜୟ ଛୋଟରାୟ, ମହମ୍ମଦ ଜାଫର ନୁର ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ରବିନାରାୟଣ ସାମନ୍ତରାୟ, ଜଟଣୀ ବାର୍ ଆସୋସିଏଶନ ସଭାପତି ନିରଞ୍ଜନ ପଣ୍ଡା, ସମ୍ପାଦକ ବିଜୟ ମହାପାତ୍ର, ଉପସଭାପତି ଅମର ପ୍ରସାଦ ମିଶ୍ର, ଜଟଣୀ ଲୟର୍ସ ଆସୋସିଏଶନ ସଭାପତି ସୁଶୀଲ କୁମାର ମହାନ୍ତି, ସଂଗ୍ରାମ କେଶରୀ ରାଉତରାୟ, କାଉନ୍‌ସିଲର ଇତିଶ୍ରୀ ଦାସ, ଶଶାଙ୍କ ଶେଖର ରାୟ, ଦିଲୀପ ମାର୍ଥାଙ୍କୁ ସମ୍ମାନିତ କରାଯାଇଥିଲା। ଜବାହରଲାଲ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା, ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.):** ଟାଙ୍ଗୀସ୍ଥିତ ବଳରାମ ଦେବ ମନ୍ଦିର ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ବିଜୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ, ନିରଞ୍ଜନ ଦାସ, ଖବରଦାତା ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ବିଶ୍ୱନାଥ ପଟଯୋଶୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କବି ବାସୁଦେବ ସିଂ, ଧୋବେଇ ବେହେରା, କୁନ୍ତଳା ସାହୁ, ଉମେଶ ଧଳ, ବିକ୍ରମାଦିତ୍ୟ ବାରିକ, କାହ୍ନୁଚରଣ ମିଶ୍ର, ବୀରେନ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

**ବାଲୁଗାଁ,(ଡି.ଏନ୍.ଏ.):** ଚିଲିକା ଭାଷା ସୁରକ୍ଷା ସମ୍ମିଳନୀ, ବାଲୁଗାଁ ବାଣପୁର ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରଙ୍ଗନାଥ ସେଠୀଙ୍କ ସହ ଅତିଥି ଭାବେ ରବୀନ୍ଦ୍ର ନାଥ ପ୍ରଧାନ, ତ୍ରିବିକ୍ରମ ପଣ୍ଡା, ରାଜକିଶୋର କେଇ, ପ୍ରମୋଦ କୁମାର ଘଡ଼େଇ ଯୋଗଦେଇଥିଲେ। ଏହି ଅବସରରେ କବି ପ୍ରମୋଦ ଘଡ଼େଇଙ୍କ ଖଣ୍ଡକାବ୍ୟ 'ଲଳିତା' ଉନ୍ମୋଚନ ହୋଇଥିଲା। ପ୍ରହ୍ଲାଦ ବେହେରା, ଦିଗମ୍ବର ବିଶ୍ୱାଳ, ବିଚିତ୍ରାନନ୍ଦ ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସାମ୍ବାଦିକ ଅଶୋକ ଜେନା, ଶିବଶଙ୍କର ପଣ୍ଡାଙ୍କ ସମେତ ସାମାଜିକ କର୍ମୀ ଶୈଳବାଳା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

**ନିରାକାରପୁର,(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବଡ଼ପୋଖରିଆ ପଞ୍ଚାୟତସ୍ଥିତ ଓଡ଼ିଶା ଷ୍ଟେଟ୍ ବିଗ୍ରେଡିୟର ସ୍କୁଲରେ ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ରଣସିଂହଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳନ ହୋଇଥିଲା।

**ବୋଲଗଡ,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସଂପୁରସ୍ଥିତ ପାଞ୍ଚଗଡ଼ ସୃଜନଶୀଳ ସମିତି ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରମୋଦ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କାଳୀଚରଣ ଜୟସିଂହ, ମୁଖ୍ୟ ବକ୍ତା ଐତିହାସିକ ରବୀନ୍ଦ୍ର ପରିଡ଼ା, ଅତିଥିଭାବେ ଗୋପୀନାଥ ପରିଜା, ସୁମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଣାସ,(ସ୍ୱ.ପ୍ର.)- କଣାସ ଅନ୍ତର୍ଗତ ଗଡସାନପଟ ପଞ୍ଚାୟତରେ ଅନୁଷ୍ଠିତ ଚଉଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟର ୧୧୪ଜଣ ଛାତ୍ରୀଙ୍କୁ ନେଇ ଶୁକ୍ରବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୮ଦିନ ଧରି ଚାଲିବ। ମହାବିଦ୍ୟାଳୟ ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଅଧାପକ କାର୍ତ୍ତିକ ଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ସୁନ୍ଦରାୟ, କ୍ରୀଡା ଶିକ୍ଷକ ରଜନିକାନ୍ତ ବଡଜେନା, ଅଧାପିକା ଦୀପ୍ତିମୟୀ ରାୟ, ରଶ୍ମିତା ନାୟକ, ସୀମାରାଣୀ ସାହୁ ଓ ନିବେଦିତା ପରିଡା ପ୍ରମୁଖ ଆତ୍ମାରକ୍ଷା ତାଲିମର ନିୟମିତ ଅଭ୍ୟାସ ରଖିବା ଓ ଏହା ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ହରପ୍ରିୟା ଭୁଜବଳ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସଂସଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ କାର୍ଯ୍ୟଧାରା ଉପରେ ସୂଚନା ଦେଇଥିଲେ ।



## ସଂକ୍ଷେପରେ

### ସ୍ୱର୍ଗଦ୍ୱାରରେ ଡିପ୍ରିଜର ସୁବିଧା

ପୁରୀ ଅଫିସ,୧।୪: ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ରଖିବା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଡିପ୍ରିଜର ବ୍ୟବସ୍ଥା କରାଯାଇଛି। ଅନ୍ତିମ ସତ୍କାରରେ କୌଣସି କାରଣରୁ ବିଳମ୍ବ ହେଲେ ସ୍ୱର୍ଗଦ୍ୱାର ସେବା ସମିତି ସହ ଯୋଗାଯୋଗ କରି ମୃତକଙ୍କ ପରିବାର ଲୋକେ ଡିପ୍ରିଜର ସୁବିଧା ନେଇପାରିବେ। ବିଶେଷ ଭାବେ ମୃତକଙ୍କ ଆତ୍ମୀୟସ୍ୱଜନ ପହଞ୍ଚିବାରେ ବିଳମ୍ବ ହେଉଥିଲେ, ବାଧ ହୋଇ ମୃତଦେହକୁ ବରଫ ଦେଇ ରଖିବାକୁ ପଡ଼େ। ମାତ୍ର ଏବେ ଏଭଳି ସମସ୍ୟା ଆଉ ସୃଷ୍ଟି ହେବ ନାହିଁ କାହାରି ଆତ୍ମୀୟସ୍ୱଜନ ଠିକ୍ ସମୟରେ ପହଞ୍ଚି ନ ପାରିଲେ ସ୍ୱର୍ଗଦ୍ୱାର ସହ ଯୋଗାଯୋଗ କରି ୨୪ ଘଣ୍ଟା ପାଇଁ ଡିପ୍ରିଜରକୁ ଘରକୁ ନେଇଯାଇପାରିବେ। ଫଳରେ ଶରୀରକୁ ସଂରକ୍ଷିତ ରଖିବା ସହଜ ହେବ ବୋଲି କହିଛନ୍ତି ସ୍ୱର୍ଗଦ୍ୱାର ସେବା ସମିତିର ସଦସ୍ୟ ସିଦ୍ଧାର୍ଥ ରାୟ। ୨୪ ଘଣ୍ଟା ଡିପ୍ରିଜର ସୁବିଧା ପାଇଁ ଏକ ହଜାର ଟଙ୍କା ଦେବାକୁ ପଡ଼ିବ। ଜିଲା ପ୍ରଶାସନ ଏଭଳି ସୁବିଧାର ଉଦ୍‌ଘାଟନ କରିଛି। ସ୍ୱର୍ଗଦ୍ୱାରରେ ଶବଦାହ କରୁଥିବା ଆତ୍ମୀୟସ୍ୱଜନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ଲାଗୁ କରାଯାଇଥିବା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ଏହି ସୁବିଧାର ଶୁଭାରମ୍ଭ ବେଳେ ଅତିରିକ୍ତ ଜିଲାପାଳଙ୍କ ସମେତ ଉପଜିଲାପାଳ ଭବତାରଣ ସାହୁ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ସଂସ୍କାର ସେବକମାନେ ଉପସ୍ଥିତ ଥିଲେ।

### ୫ ପ୍ରାଥମିକ, ୫ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

କଣାସ,୧।୪(ସ୍ୱ.ପ୍ର.)- କଣାସ ବ୍ଲକର ସମସ୍ତ ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ପାଞ୍ଚଟି ଉପସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ୨୦୨୧-୨୨ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ମିଳିଛି। ରାଜ୍ୟ ସରକାରଙ୍କ ତରଫରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଚାଶ ହଜାର ଟଙ୍କା ଓ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ପଚିଶ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ସରକାର ଘୋଷଣା କରିଛନ୍ତି। ପ୍ରତ୍ୟେକ ବର୍ଷ ରାଜ୍ୟ ଓ ଜିଲାସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସବୁଜ ସୁନ୍ଦର ପରିବେଶ ସୃଷ୍ଟି, ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛ ଓ ନିର୍ମଳ ପରିବେଶ, ଡାକ୍ତରଖାନା ଆବର୍ଜନାର ସୁପରିଚାଳନା, ରୋଗୀଙ୍କ କଲ୍ୟାଣ ପାଇଁ ବ୍ୟବସ୍ଥା ଏଭଳି ସାତଟି ମାନଦଣ୍ଡ ଆଧାରରେ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଏ କ୍ଷେତ୍ରରେ ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ର ଉତ୍ତମ ପ୍ରଦର୍ଶନ କରନ୍ତି ସେମାନଙ୍କୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଏ। ଚଳିତ ବର୍ଷ କଣାସ ବ୍ଲକର ନନ୍ଦିଗୋଦା, ଗଡ଼ସାହୁପଡା, ହରଚଣ୍ଡୀପ୍ରସାଦ ଓ ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ୨୦୨୧-୨୨ ପାଇଁ କାୟାକଳ୍ପ ପୁରସ୍କାର ରାଶି ପଚାଶ ହଜାର ଟଙ୍କା ପାଇଛନ୍ତି। ଏହି ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲଗାତର ଚାରିବର୍ଷ ଧରି କାୟାକଳ୍ପ ପୁରସ୍କାର ପାଇ ଆସୁଛନ୍ତି। ସେହିଭଳି ଉପସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ହରଷପଡା ଉପକେନ୍ଦ୍ର, ସାହାସପୁର ଉପକେନ୍ଦ୍ର, ଜଗୁଲାଇପଦର ଉପକେନ୍ଦ୍ର ଭଳି ମୋଟ ୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି।

### ଅସାମାଜିକ କାର୍ଯ୍ୟ ନେଇ ୧୮ କିନ୍ନରଙ୍କୁ ଧରିଲା ପୋଲିସ

ପୁରୀ ଅଫିସ,୧।୪: ପୁରୀ ଇନ୍‌ଡୋର ଷ୍ଟାଡିୟମ୍ ସମ୍ମୁଖରେ କିନ୍ନରମାନଙ୍କ ଅସାମାଜିକ କାର୍ଯ୍ୟକଳାପକୁ ନେଇ ଦୀର୍ଘଦିନ ଧରି ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ନେଇଛି ପୁରୀ ପୋଲିସ। ଇନ୍‌ଡୋର ଷ୍ଟାଡିୟମ୍ ରାସ୍ତା ସମ୍ମୁଖରେ କିନ୍ନରମାନେ ଅସାମାଜିକ କାର୍ଯ୍ୟ କରୁଥିବା ନେଇ ପୋଲିସ ପାଖରେ ଅଭିଯୋଗ ହେଉଥିଲା। ପୋଲିସ ପୂର୍ବରୁ କିନ୍ନରମାନଙ୍କୁ ଏଭଳି କାର୍ଯ୍ୟକଳାପରୁ ବିରତ ରହିବାକୁ ଚେତାବନୀ ଦେଇଥିଲେ ମଧ କୌଣସି ପ୍ରଭାବ ପଡ଼ି ନ ଥିଲା। ଫଳରେ ଶୁକ୍ରବାର ପୋଲିସ ୧୮ଜଣ କିନ୍ନରଙ୍କ ବିରୋଧରେ ଅସାମାଜିକ କାର୍ଯ୍ୟ କରୁଥିବା ନେଇ ସିଆରପିସି ଧାରା ୧୦୭ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇଛି। ଏମାନେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ରାଜିନାମା ଲେଖି ଆଗକୁ ଏଭଳି କାର୍ଯ୍ୟରେ ଲିପ୍ତ ରହିବେ ନାହିଁ ବୋଲି ଦର୍ଶାଇବେ ବୋଲି ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି। ଅନ୍ୟପକ୍ଷେ ଗତ ୩୧ ତାରିଖରେ ଆନ୍ତର୍ଜାତିକ କିନ୍ନର ଦିବସରେ ଜିଲା ଅତିରିକ୍ତ ଏସ୍‌ପି କିନ୍ନରମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଥିଲେ। ଆଲୋଚନାରୁ ଜଣାପଡ଼ିଥିଲା ଯେ, କିନ୍ନରଙ୍କ ଏକ ବର୍ଗ ଏଭଳି କାର୍ଯ୍ୟକଳାପରେ ଲିପ୍ତ ରହୁଛି। ଜୀବିକା ନିର୍ବାହ ପାଇଁ କିନ୍ନରଙ୍କ ପାଖରେ ବିକଳ୍ପ ନ ଥିବାରୁ ଏଭଳି କାର୍ଯ୍ୟକୁ ବାଛୁଛନ୍ତି। ଏଣୁ ଜିଲା ପ୍ରଶାସନ କିନ୍ନରଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ଲାନ୍ କରନ୍ତୁ। ଜିଲା ପ୍ରଶାସନର ବିଭିନ୍ନ ନିଯୁକ୍ତି ମେଳାରେ କିନ୍ନରଙ୍କୁ ସାମିଲ କରାଯିବା ସହ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦିଆଯାଉ। ଅନ୍ୟପକ୍ଷେ ଜିଲା ପ୍ରଶାସନ କିନ୍ନରମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରୋଜଗାରକ୍ଷମ କରାଇବା ଦିଗରେ କାର୍ଯ୍ୟ କରୁଛି ଓ ଏହା ଅତିଶୀଘ୍ର କାର୍ଯ୍ୟକ୍ଷମ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# ମହାପୁରୁଷଙ୍କ ତ୍ୟାଗରେ ସ୍ୱତନ୍ତ୍ର ପ୍ରଦେଶ ଗଠନ

**ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ**

ପୁରୀ ଅଫିସ,୧।୪

ପୁରୀରେ ଜିଲାସ୍ତରୀୟ ୮୭ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂସ୍କୃତି ଭବନଠାରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସଭାକାର୍ଯ୍ୟ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ ଅବଦାନ ଥିବା ମହାମନୀଷୀମାନଙ୍କ ପ୍ରତି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାପୁରୁଷଙ୍କ ତ୍ୟାଗ ଓ ଉଦ୍ୟମ ଯୋଗୁ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଗଠନ ସମ୍ଭବ ହୋଇପାରିଛି। ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସାମଗ୍ରିକ ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ୮ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଙ୍ଗଶାଳା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ସହରର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୌରସଂସ୍ଥା ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଉପଜିଲାପାଳ ଭବତାରଣ



ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

ସମୟର ସମସ୍ତ ବାଧାବିଘ୍ନକୁ ସଫଳତାର ସହ ସାମ୍ନାକରି ଏ ଜାତି ଅଗ୍ରସର ହୋଇଛି। ଇତିହାସକୁ ପାଥେୟ କରି ଏବଂ ପୂର୍ବଜମାନଙ୍କ ଦେଶ ଓ ଜାତି ଗଠନ ଦିଗରେ ଥିବା ଅବଦାନକୁ ସ୍ମରଣ କରି ନିଜର ଉପସ୍ଥିତି ସାବ୍ୟସ୍ତ କରିବାରେ ସଫଳ ହୋଇଛି। ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ସିଂହଦ୍ୱାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶ୍ୟାମପ୍ରକାଶ ସେନାପତି ଓ ବଦ୍ରି ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଁ ଓଡ଼ିଆ ମୋ ଭାଷା ବଢ଼ିଆ

ପୁରୀ ଅଫିସ/କାକଟପୁର/କଣାସ/ସାକ୍ଷୀଗୋପାଳ/ବଳଙ୍ଗା/କୋଣାର୍କ/ଡେଲାଙ୍ଗ,୧।୪ (ଡି.ଏନ୍.ଏ./ସ୍ୱ.ପ୍ର.)


ଜେଲାଙ୍ଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ପଞ୍ଚସଖା ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ନୀଳଚକ୍ର ସାମାଜିକ ଓ ସାଂସ୍କୃତିକ ସଂଗଠନ ଏବଂ ଶ୍ରୀକ୍ଷେତ୍ର ଗଣପତି ମହୋତ୍ସବ କମିଟି ଆନୁକୂଲ୍ୟରେ ଏବଂ ଜିଲା ସଂସ୍କୃତି ପରିଷଦ ସହଯୋଗରେ ଶରଧାବାଲିଠାରେ ଓଡ଼ିଶା ଦିବସ ପାଳନ ହୋଇଛି। ଏହି ଅବସରରେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ ହୋଇଥିବା ବେଳେ କଳାକାର ଏବଂ ଅନୁଷ୍ଠାନକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ଓ ଶ୍ରୀକ୍ଷେତ୍ର ୱାର୍କର୍ସ କ୍ଲବ ଦ୍ୱାରା ବାଘଆଖଡ଼ା ମଠ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀ ପୁରୀ ଶାଖା ତରଫରୁ ଭକ୍ତ ସାଲବେଗ ପୀଠରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଶିକ୍ଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ମୁଖ୍ୟବକ୍ତା ଡ. ପ୍ରମୋଦ ଦଳାଇ, ସମ୍ମାନିତ ଅତିଥି ପ୍ରସନ୍ନ ମିଶ୍ର ଏବଂ ଚକ୍ରଧର ମହାପାତ୍ର ଯୋଗଦେଇ ଉତ୍କଳର ସଂସ୍କୃତି, ଐତିହ୍ୟ ଓ ପ୍ରାଚୀନତାର ଗୌରବପୂର୍ଣ୍ଣ କୀର୍ତ୍ତିରାଜି ଆଜି ସୁବର୍ଣ୍ଣ ତ୍ରିଭୁଜ ଭାବରେ ଛିଡା ହୋଇଛି ବୋଲି କହିଥିଲେ। କାକଟପୁର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ମୁଁ ଓଡ଼ିଆ ମୋ ଭାଷା ବଢ଼ିଆ... ରୁ ଆରମ୍ଭ କରି ଆମ ଜାତି ଆମ ଭାଷାର ମହାନତା, ଓଡ଼ିଶାର ମହାନ ପୁରୁଷଙ୍କ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର, ସମ୍ମାନିତ ଅତିଥି ଶ୍ରୀଧର ନାୟକ, ଖବରଦାତା ପ୍ରଶାନ୍ତ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣାସର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳନ ହୋଇଛି। ଦୀର୍ଘ ୮୬ବର୍ଷ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲେ ମଧ୍ଯ ଓଡ଼ିଆ ଭାଷାପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। କଣାସ ଥାନା ଆଇଆଇସି ସୁଜିତ୍ ଦାସ ଉକ୍ତ ଉତ୍ସବରେ ଯୋଗଦେଇ ୩୦ରୁ ଉର୍ଦ୍ଧ୍ୱ ଚିହ୍ନଟ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ପୂଜ୍ୟପୂଜା ସଂସଦ ପକ୍ଷରୁ ଜନମଙ୍ଗଳ କ୍ଲବ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଛି। ଉତ୍କଳ ଦିବସ ସମିତି ତରଫରୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି ଓଡ଼ିଶା ଦିବସ। ଉପସ୍ଥିତ ଅତିଥିମାନେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ଓଡ଼ିଆ ବୀରତ୍ୱଙ୍କ ଗାଥା ବର୍ଣ୍ଣନା କରିଥିଲେ। ବଳଙ୍ଗା ଭାର୍ଗବୀ ସାହିତ୍ୟ ସଂସଦ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସଂସଦ ସଭାପତି କୃପାସିନ୍ଧୁ ଦଣ୍ଡଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳନ ହୋଇଛି। କୋଣାର୍କର ଅର୍କଶ୍ରୀ ଅନୁଷ୍ଠାନ ଆନୁକୂଲ୍ୟରେ ଶିଳ୍ପୀ ବାଟିକାରେ ଓଡ଼ିଶା ଦିବସ ପାଳିତ ହୋଇଛି। ପରେ ବ୍ୟଙ୍ଗ ସମ୍ରାଟ ସମ୍ପଦ ରଥ କବିତା ପାଠ କରିଥିବାବେଳେ କବି ଗଙ୍ଗାଧର ଓଝା, ହୃଦାନନ୍ଦ ସାମଲ, ପ୍ରବୀଣ ସୁବୁଦ୍ଧି, ସୁବାସ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଡେଲାଙ୍ଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରକେରାରେ ଉତ୍କଳ ଦିବସ ପାଳିତ ହେବା ସହ ନିକଟସ୍ଥ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଡେଲାଙ୍ଗ କୋଠବାଡ ପଞ୍ଚାୟତ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ ଆଦିରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି।

## ଆଜି ଜାଗୃତି ମହୋତ୍ସବ-୨୦୨୨

ପିପିଲି,୧।୪(ସ୍ୱ.ପ୍ର.)

ଓଡ଼ିଆ ପରମ୍ପରା ଓ ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଏପ୍ରିଲ ୨ ଓ ୩ ତାରିଖରେ ପିପିଲିରେ ଅନୁଷ୍ଠିତ ହେବାକୁ ଯାଉଛି ଜାଗୃତି ମହୋସବ-୨୦୨୨। ସେଥିପାଇଁ ଜାଗୃତି ସାଂସ୍କୃତିକ କମିଟି ପକ୍ଷରୁ ସ୍ଥାନୀୟ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମସ୍ତ ପ୍ରସ୍ତୁତି ହୋଇଯାଇଛି। ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ଆହ୍ୱାନକ୍ରମେ ସମସ୍ତ ସଭ୍ୟଙ୍କ ସହଯୋଗକ୍ରମେ ଜାଗୃତି ମହୋସବ ଶନିବାର ଶୁଭାରମ୍ଭ ହେବ । ରାଷ୍ଟ୍ରୀୟ ନବ ବର୍ଷ ପାଳନ ଅବସରରେ ଓଡ଼ିଆର ପାରମ୍ପରିକ ଓଡ଼ିଶୀ ନୃତ୍ୟ, ଭାରତ ନାଟ୍ୟମ୍, ସମ୍ବଲପୁରୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ହେବାକୁ ଥିବାବେଳେ ଏହି ମହୋସବରେ ବହୁ ଓଡ଼ିଶାର ସୁନାମ ଧନ୍ୟ ବ୍ୟକ୍ତିମାନେ ଅତିଥିଭାବେ ଯୋଗଦେବାର ବ୍ୟବସ୍ଥା କରାଯାଇଛି। ଏଥିସହ ଏ ବର୍ଷ ଜାଗୃତି ମହୋସବ ଅନୁଷ୍ଠାନ ପକ୍ଷରୁ ଶିକ୍ଷା ସଂସ୍କୃତି ସହ କୃଷକରତ୍ନ ସମ୍ମାନ, କଳାକାର ସମ୍ମାନ, ସମାଜ ସେବା ଭଳି ଅଞ୍ଚଳର ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସଙ୍ଗଠନ ସମ୍ପାଦକ ବିଭୂତି ସାମନ୍ତରାୟ କହିଛନ୍ତି।

## ଭାଇଚାରାର ସମ୍ପର୍କ ବୁଝାଉଛି ଲୋକ ଉତ୍ସବ

ଗୋପ,୧।୪(ଡି.ଏନ.ଏ.)

ପିଲାଟି ଦିନରୁ ମୋର ଭବିଷ୍ୟତ, ଲକ୍ଷ୍ୟ ପ୍ରତି ଯେପରି ଦୃଷ୍ଟି ଦେଇ ଆସିଛି, ସେହିପରି ମୋ ରାଜନୈତିକ ଜୀବନକୁ ଆରମ୍ଭରୁ ଏପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଲାଗି ମୋର କର୍ତ୍ତବ୍ୟ କରି ଆସିଛି। ଏହି ଲୋକ ଉତ୍ସବ ଦ୍ୱାରା ଲୋକଙ୍କ ନିକଟତର ହେବାର ସୁଯୋଗ ମିଳିଛି ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଗୋପ କୁଶଭଦ୍ରା ନଦୀପଠାରେ ଚାଲିଥିବା ଗୋପ ଲୋକ ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂର୍ବକାଳରୁ ଚାଲି ଆସୁଥିବା ଏହି ଲୋକ ଉତ୍ସବ ପରମ୍ପରାକୁ ଏପର୍ଯ୍ୟନ୍ତ ବଜାୟ ରଖିଥିବାରୁ ଗୋପ ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଛନ୍ତି। ଅଧାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନିମାପଡ଼ା ବାର୍ ଆସୋସିଏଶନ ସଭାପତି ରଞ୍ଜିତ ସାହୁ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ୧୨ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ଆଇନଜୀବୀ ସୁଧୀର ମହାନ୍ତି, ଶିକ୍ଷାବିତ ସତ୍ୟପୀର ନାୟକ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ସହିତ ଓଡ଼ିଆ ସଂସ୍କୃତି, ପରମ୍ପରା ଓଡ଼ିଶାର ମହନୀୟତା ସମ୍ପର୍କରେ ମତ ରଖିଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଗୋପକୃଷ୍ଣ ପଟ୍ଟନାୟକ, ଗୋପ ବ୍ଲକ ଜିଲା ପରିଷଦ ସଭ୍ୟ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଲୋକ ଉତ୍ସବ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଂଗ୍ରାମ କେଶରୀ ଭୋଳ, ବିଭୂତି ଭୂଷଣ ପଟ୍ଟନାୟକ, ପ୍ରଣବ ସାହୁ, କାର୍ତ୍ତିକ ପ୍ରଧାନ, ଶାଶ୍ୱତ ପ୍ରଧାନ ପରିଚାଳନା କରିଥିଲେ।

# ଏମ୍‌ପି ପିନାକୀ ମିଶ୍ରଙ୍କ ମନ୍ତବ୍ୟକୁ ବିରୋଧ

ପୁରୀ ଅଫିସ,୧।୪:

ସଂସଦରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ପୁରୀ ଲୋକ ସଭା ସଦସ୍ୟ ପିନାକୀ ମିଶ୍ରଙ୍କ ବୟାନକୁ ନେଇ ପୁରୀ ସହରରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ପିନାକୀ ମିଶ୍ର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ମିଛ କହୁଥିବା ଅଭିଯୋଗ ଆଣି ପୁରୀ କୋର୍ଟ ଓକିଲ ସଂଘ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିରୋଧ କରିବା ସହ ପିନାକୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପାର୍ଲାମେଣ୍ଟ ଭଳି ପବିତ୍ର ଗୃହରେ ପିନାକୀ ମିଶ୍ର ମହାପ୍ରଭୁଙ୍କ ପ୍ରସଙ୍ଗରେ ମିଛ କହିଛନ୍ତି। ବ୍ୟାପକ ଖନନ କରାଯାଇ ପ୍ରକଳ୍ପ କାର୍ଯ୍ୟ କରାଯାଉଥିବା ବେଳେ କେବଳ ୪ଟି ଶୌଚାଳୟ ପାଇଁ କାର୍ଯ୍ୟ ଚାଲିଥିବା ସେ କହିଛନ୍ତି। ପୁରୀ ଲୋକ ସଭା ଆସନରୁ ନିର୍ବାଚିତ ପିନାକୀ ମହାପ୍ରଭୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାରୀ ଦଳକୁ ଘଣ୍ଟା ଘୋଡ଼ାଇବା ନିହାତି ପକ୍ଷେ ଦୁର୍ଭାଗ୍ୟଜନକ। ତେବେ କେବଳ ପିନାକୀ ନୁହନ୍ତି, ପୁରୀ ଜିଲାପାଳ ଓ ରାଜ୍ୟ ସରକାର ମଧ ପରିକ୍ରମା ପ୍ରକଳ୍ପର ବେଆଇନ ନିର୍ମାଣକୁ ଘଣ୍ଟ ଘୋଡ଼ାଇଛନ୍ତି। ମହାପ୍ରଭୁଙ୍କ ସୁରକ୍ଷା ସହ ସାଲିସ କରି ସ୍ୱାର୍ଥ ହାସଲ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଆଗାମୀ ଦିନରେ ପୁରୀରେ ବିରୋଧ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ସେହିଭଳି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକ ସଭାରେ ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ ଉଠାଇଥିବାରୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ତାଙ୍କୁ ଧନ୍ୟବାଦ ଦିଆଯାଇଛି।


ପୁରୀ-କୋଣାର୍କ ଡେଭଲପମେଣ୍ଟ ଅଥରିଟି (ପିକେଡିଏ) ପକ୍ଷରୁ ଶୁକ୍ରବାର ଚନ୍ଦନହଜୁରୀ ଛକସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ରଜତ ଜୟନ୍ତୀ ପାଳନ ଉତ୍ସବରେ ଉପସ୍ଥିତ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି ସମ୍ପନ୍ନ

ପୁରୀ ଅଫିସ, ୧।୪

ଅମାବାସ୍ୟା ତିଥି ଅବସରରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଛି। ଅମାବାସ୍ୟା ନାରାୟଣ ଠାକୁର ଶ୍ରୀମନ୍ଦିରରୁ ବିଜେ ହୋଇ ମହୋଦଧିକୁ ଯିବା ପରେ ସେଠାରେ ଏହି ନୀତି ସମ୍ପନ୍ନ ହୋଇଥିଲା। ଚୈତ୍ର ଅମାବାସ୍ୟା ଶୁକ୍ରବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ସକାଳଧୂପ ସମ୍ପନ୍ନ ହୋଇ ପାଣିପଡିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗଡାବଡୁ ସେବକ ରୂପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା । ପରେ ଆଳତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତା ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ଠାକୁରଙ୍କୁ ବାହୁଡା ବିଜେ କରିଥିଲେ । ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢିଥିଲା ।


ପୁରୀ ପୋଲିସ ଲାଇନ୍‌ସ୍ଥିତ ରିଜର୍ଭ ପଡିଆରେ ଅନୁଷ୍ଠିତ ପୋଲିସ ପ୍ରତିଷ୍ଠା ଦିବସରେ ପୋଲିସମାନେ ପରେଡ କରୁଛନ୍ତି ।

# ଲୋକଙ୍କ ସେବାରେ ମନୋନିବେଶ କରିବାକୁ ଆହ୍ୱାନ

**ଜିଲାସ୍ତରୀୟ ପୋଲିସ ଦିବସ ପାଳିତ**

ପୁରୀ ଅଫିସ,୧।୪

ପୁରୀ ପୋଲିସ ଲାଇନ୍‌ସ୍ଥିତ ରିଜର୍ଭ ପଡ଼ିଆରେ ଶୁକ୍ରବାର ଜିଲାସ୍ତରୀୟ ୮୭ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସ୍‌ପି କନୱର ବିଶାଲ୍ ସିଂ ଯୋଗଦେଇ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସର୍ବଦା ଜନସାଧାରଣଙ୍କ ସେବାରେ ମନୋନିବେଶ କରିବା ପାଇଁ ପୋଲିସ ବାହିନୀକୁ ଏସ୍‌ପି ଆହ୍ୱାନ ଦେବା ସହ ଯେତେ ବାଧାବିଘ୍ନ ଆସିଲେ ବି ଦେଶ ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ କହିଥିଲେ। ସେହିପରି ପୋଲିସ ଯେଭଳି ପୁରୀ ଜିଲାବାସୀଙ୍କର ଆସ୍ଥାଭାଜନ ହୋଇପାରିବ ସେ ଦିଗରେ ସମସ୍ତେ କାର୍ଯ୍ୟ କରିବାର ଆବଶ୍ୟକ ରହିଛି। ପ୍ରତିଦିନ ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନଙ୍କୁ ଅଧିକ ସୁରକ୍ଷା ଦେବାରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଏସ୍‌ପି ସିଂ କହିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଦେଶ ପାଇଁ ପ୍ରାଣବଳି ଦେଇଥିବା ଦିବଂଗତ ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉଲ୍ଲେଖନୀୟ ସେବା ପ୍ରଦର୍ଶନ କରିଥିବା ପୋଲିସ କର୍ମଚାରୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ରିଜର୍ଭ ଇନ୍ସପେକ୍ଟର ପରିଚାଳନା କରିଥିଲେ।

# ବିଦ୍ୟୁତ୍ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମନ୍ତ୍ରୀ

ଗୋପ,୧।୪(ଡି.ଏନ.ଏ.)

ଗ୍ରାମାଞ୍ଚଳର ଗରିବ, ସାଧାରଣ ଲୋକମାନେ ବିଭିନ୍ନ ସମୟରେ ସାମ୍ନା କରୁଥିବା ବାତ୍ୟା ସହିତ ଅନ୍ୟାନ୍ୟ ସମସ୍ୟାକୁ ନେଇ ଭାଙ୍ଗି ପଡିଛନ୍ତି । ଏହି ସମୟରେ ଟାଟା କମ୍ପାନୀ ପକ୍ଷରୁ ଗାଁ ଗହଳିରେ ବିଦ୍ୟୁତ ଟଙ୍କା ଆଦାୟକୁ ସାଧାରଣ ଲୋକଙ୍କ ଉପରେ ଜୁଲୁମ କରୁଛି। ଏପରିକି ବିଭିନ୍ନ ଗାଁରେ ଗରିବମାନଙ୍କ ଲାଇନ କାଟି ଦେଉଛି। ପୁରୀ ଜିଲାର ଅଧିକାଂଶ ଅଞ୍ଚଳରୁ ବାରମ୍ବାର ଏଭଳି ଅଭିଯୋଗ ଆସିବା ପରେ ଏପରି ଏକ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପରେ ସୂଚନା ଦେଇଛନ୍ତି। ଏବେ ସାଧାରଣ ଲୋକ ପୁରୁଣା ଟଙ୍କା ନ ଦେଲେ ବିଦ୍ୟୁତ କାଟି ଦେଉଥିବା ଅଭିଯୋଗ ହେଉଛି। ତେଣୁ ମନ୍ତ୍ରୀ ଦାଶ ଗାଁ ଲୋକଙ୍କୁ ମେଳି କରି ଏହାର ପ୍ରତିବାଦ କରାଯିବ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ ଆରମ୍ଭ

ପୁରୀ ଅଫିସ,୧।୪

ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ-୨୦୨୨ ବ୍ଲୁ ଫ୍ଲାଗ ବିଚରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଏବଂ ଓଡ଼ିଶା କବାଡି ମହାସଂଘର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳ ସମର୍ଥ ବର୍ମା ଓ ଆନ୍ତର୍ଜାତିକ କବାଡି ଖେଳାଳି ଭୀମ ବରାଳ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଉଭୟ ପୁରୁଷ ଏବଂ ମହିଳା ବିଭାଗ ରହିଛି। ପୁରୁଷରେ ୯ଟି ଦଳ ଯଥା କଟକ, ଓଡିଶା ପୋଲିସ, ନୂଆପଡ଼ା, ସମ୍ବଲପୁର, ଭୁବନେଶ୍ୱର, ଢେଙ୍କାନାଳ, ପୁରୀ, ରାଉରକେଲା ଷ୍ଟିଲ ପ୍ଲାଣ୍ଟଏବଂ ଅନୁଗୋଳ ଟିମ ଅଂଶଗ୍ରହଣ କରିଥିବା ବେଳେ ଓ ମହିଳାରେ ୮ଟି ଟମ୍ ଭାଗ ନେଇଛନ୍ତି। ମହିଳା ବିଭାଗରେ ପୂର୍ବତଟ ରେଲୱେ, ଢେଙ୍କାନାଳ, କେନ୍ଦ୍ରାପଡା, ଯାଜପୁର, ଗଞ୍ଜାମ, କଟକ, ପୁରୀ ଓ କିଟ୍ ବିଶ୍ୱବିଦ୍ୟାଳୟ ଭାଗ ନେବେ। ମୋଟ ୨୬ଟି ମ୍ୟାଚ ଖେଳାଯିବ। ପ୍ରତ୍ୟେକ ବିଭାଗରୁ ଚାମ୍ପିୟନକୁ ୩୦ ହଜାର ଟଙ୍କା, ରନର୍ସ ଅପକୁ ୨୦ ହଜାର, ତୃତୀୟ ସ୍ଥାନ ନିମନ୍ତେ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ପ୍ରତ୍ୟେକ ବିଭାଗରୁ ୩ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ୩ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ପ୍ରଥମ ଦିନ ପୁରୁଷ ବିଭାଗରେ ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ କଟକ ଏବଂ ଅନୁଗୋଳ ମଧ୍ୟରେ ହୋଇ କଟକ ବିଜୟୀ ହୋଇଥିଲା। ପରେ ଢେଙ୍କାନାଳ ଏବଂ ସମ୍ବଲପୁର ମଧ୍ୟରେ ହୋଇ ଢେଙ୍କାନାଳ ବିଜୟୀ ହୋଇଛି। ଶେଷ ମ୍ୟାଚ ନୂଆପଡା ଏବଂ ଓଡିଶା ପୋଲିସ ମଧ୍ୟରେ ହୋଇ ନୂଆପଡା ଦଳ ବିଜୟୀ ହୋଇଥିଲା। ସେହିପରି ମହିଳା ବିଭାଗରେ ମଧ ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଢେଙ୍କାନାଳ ଏବଂ ପୁରୀ ମଧ୍ୟରେ ହୋଇ ଢେଙ୍କାନାଳ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ପୂର୍ବତଟ ରେଲୱେ ଏବଂ ଗଞ୍ଜାମ ମଧ୍ୟରେ ହୋଇ ପୂର୍ବତଟ ରେଲବାଇ ଜିତିଥିଲା। ଶେଷରେ ଯାଜପୁର ଏବଂ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ୩୬-୧୭ ପଏଣ୍ଟ ବ୍ୟବଧାନରେ ଯାଜପୁର ବିଜୟ ଲାଭ କରିଛି।


ପୁରୀ ବ୍ଲୁଫ୍ଲାଗ ବିଚ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଉପସ୍ଥିତ ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ସଂକ୍ଷେପରେ

### ଓଡ଼ିଆରେ ଲେଖିବା, କହିବା ଉଦ୍ଦେଶ୍ୟରେ ସାଇକେଲ ରାଲି

**କଟକ ଅଫିସ, ୧।୪:** ଓଡ଼ିଶା ଦିବସ ପାଳନ ଅବସରରେ ଆଇନ ସେବା ସଂସ୍ଥା ଲିସା ପକ୍ଷରୁ ସାଇକେଲ ରାଲି ଓ ପ୍ରଭାତ ପରିକ୍ରମା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସିଡିଏ ସେକ୍ଟର-୬ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ନିକଟରେ ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ସୁରକ୍ଷା ପାଇଁ ପ୍ରତ୍ୟେକ ଓଡ଼ିଆ ଆଗେଇ ଆସିବା ସହ ଓଡ଼ିଆରେ ଲେଖିବା, କହିବା ଏହି ସାଇକେଲ ରାଲିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାହୁ କହିଥିଲେ। ଅନୁଷ୍ଠାନ ପକ୍ଷରୁ ସିଡିଏ ସେକ୍ଟର-୬ ଅଞ୍ଚଳରେ ସାଇକେଲ ରାଲି ଓ ପ୍ରଭାତ ପରିକ୍ରମା ସହ ଛକଗୁଡିକରେ ପଥପ୍ରାନ୍ତ ସଭା କରାଯାଇଥିଲା। ଅନୁଷ୍ଠାନର ଆବାହକ ତଥା ଆଇନଜୀବୀ ଗଦାଧର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରିଙ୍କୁ ଖାଁ, ଦୀନବନ୍ଧୁ ନାୟକ, ଚିତ୍ତରଞ୍ଜନ ସାହୁ, ଶ୍ରୀକାନ୍ତ ପରିଡ଼ା, ଭଗବାନ ବେହେରା, ସତ୍ୟ ରଞ୍ଜନ ବେହେରା, ନିରଞ୍ଜନ ସ୍ୱାଇଁ, ଚନ୍ଦ୍ରଭାନୁ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ଖୁଣ୍ଟୁଣୀ,୧।୪(ଡି.ଏନ୍.ଏ.):** ଆଠଗଡ଼ ନ' ବେଢା ବରିଷ୍ଠ ନାଗରିକ ସଂଘର ୪ର୍ଥ ବାର୍ଷିକ ଉତ୍ସବ ପାଇଁ ଶୁକ୍ରବାର ଧବଳେଶ୍ୱରଙ୍କ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଯୋଗାଇବାରେ ଅବହେଳା ଯୋଗୁ କ୍ଷୋଭ ପ୍ରକାଶ ପାଇଥିଲା। ସଂଘ ୧ ସପ୍ତାହ ମଧ୍ୟରେ ତାହାର ସମସ୍ତ ସଭ୍ୟଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଯୋଗାଇଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହ ସଂଘର ମୁଖପତ୍ର ପ୍ରକାଶ ପାଇଁ ଲେଖା, ସଭାସ୍ଥଳ ନିରୂପଣ, ଅତିଥିମାନଙ୍କ ସହ ଯୋଗାଯୋଗ ପାଇଁ ସଭ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। କାର୍ଯ୍ୟକାରୀ ସଭାପତି ବିମ୍ବାଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଶରତ ଖୁଣ୍ଟିଆ, ଉପସଭାପତି ବିଷ୍ଣୁଚରଣ ପତ୍ରୀ, ଗୁରୁଚରଣ ପ୍ରଧାନ, ମାଗୁଣି ଚରଣ ରାଉତ, ବିଚିତ୍ରାନନ୍ଦ ତ୍ରିପାଠୀ, ବିପ୍ରବର ବେହେରା, ରମ୍ଭାବତୀ ସାହୁ, ରଜନୀକାନ୍ତ ଜେନା, ଅମରେନ୍ଦ୍ର ନାୟକ, ନରେନ୍ଦ୍ର ସେଠୀଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

### ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମିଲ

**କଟକ ଅଫିସ,୧।୪:** ଦେଶବ୍ୟାପୀ ହେଉଥିବା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ରେଭେନଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପ୍ରସ୍ତୁତି ଏବଂ ଜାତୀୟ ଶିକ୍ଷାନୀତି ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେଇଥିଲା। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁ, ଅତିରିକ୍ତ କୁଳସଚିବ ଡ. ନିହାର ସିଂଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।

### ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ସଭା

**କଣ୍ଟାପଡା,୧।୪(ଡି.ଏନ୍.ଏ.):** ଅବସରପ୍ରାପ୍ତ କର୍ମଚାରୀ ଓ ନୂତନଭାବେ ନିଯୁକ୍ତ ଚୁକ୍ତିଭିତ୍ତିକ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ଥାନୀୟ ଉତ୍ତାରଣସ୍ଥିତ ଅମ୍ବିକା ନୋଡାଲ ବିଦ୍ୟାପୀଠ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ବ୍ଲକ ଓଷ୍ଟା ସଭାପତି ପ୍ରଭାତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟାର ରାଜ୍ୟ ସଭାପତି ଅଶୋକ ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ଶରତ ଚନ୍ଦ୍ର ପାଲଟା ମୁଖ୍ୟବକ୍ତା, ଶିକ୍ଷୟିତ୍ରୀ ନଳିନୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ବେହେରା, ଅଞ୍ଜନା ମାଝୀ, ଓଷ୍ଟାର କଣ୍ଟାପଡା ବ୍ଲକ ସମ୍ପାଦକ ମନୋରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଶିକ୍ଷାକ୍ଷେତ୍ରରେ ବିଭିନ୍ନ ଅବଦାନ ସମ୍ପର୍କରେ କହିବା ସହ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ପଥକୁ ଅନୁସରଣ କରିବାକୁ କହିଥିଲେ। ଶିକ୍ଷକ ମହେନ୍ଦ୍ର ବାରିକ, ଅମୂଲ୍ୟ କୁମାର ମହାପାତ୍ର, ସତ୍ୟରଞ୍ଜନ ବେହେରା, ରମାକାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ'

**କଟକ ଅଫିସ, ୧।୪**


ସମାରୋହରେ ବିଧାୟକ, ଜିଲାପାଳ, ମେୟର ଓ ସିଏମ୍‌ସି କମିଶନରଙ୍କ ସହ ଅନ୍ୟମାନେ।

**ଓଡ଼ିଶା ଦିବସ ସମାରୋହ**

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ଦିବସ ସମାରୋହ କଟକ ସହିଦ ଭବନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, ନିରନ୍ତର ବିକାଶ ଧାରାକୁ ରାଜ୍ୟ ସରକାର ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ନିକଟରେ ପହଞ୍ଚାଇଛନ୍ତି। ଏଥିସହ ସାମଗ୍ରିକ ଭାବେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ଓଡିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ଦିଗରେ ଦଳମତ ନିର୍ବିଶେଷରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଯୋଗଦେଇ କହିଥିଲେ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ବିଭିନ୍ନତା ଭିତରେ ଏକତା ମନ୍ତ୍ରରେ ସମସ୍ତେ ଦୀକ୍ଷିତ। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଦଳମତ ନିର୍ବିଶେଷରେ ସମସ୍ତେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକୁ ପ୍ରୋତ୍ସାହିତ କରିବାକୁ ସେ କହିଥିଲେ। ଏହି ସମାରୋହରେ ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଇଂ. ମହମ୍ମଦ ମୋକିମ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ଆଭିମୁଖ୍ୟକୁ ବିଦ୍ୟାଳୟଗୁଡିକରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଜରିଆରେ ଫଳପ୍ରସୂ କରିଥିବାରୁ ଲ୍ୟୁଟ୍‌ନାଣ୍ଟ କଲୋନେଲ ସୌମ୍ୟ ପ୍ରକାଶ ଓତା, ଗାନ୍ଧୀବାଦର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ହରିହର ସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

# ଛବିଳ ମଧୁ ବର୍ଣ୍ଣବୋଧ ପଢ଼ିବା ବାଧ୍ୟତାମୂଳକ

**କଟକ ଅଫିସ,୧।୪**

**ଜିଲା ପ୍ରଶାସନ ପକ୍ଷରୁ 'ମିଶନ ଛବିଳ ମଧୁ ବର୍ଣ୍ଣବୋଧ' କାର୍ଯ୍ୟକ୍ରମ**

ଜିଲାରେ ଥିବା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କର ଓଡ଼ିଆ ଭାଷା ଉପରେ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ କଟକ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି 'ମିଶନ ଛବିଳ ମଧୁ ବର୍ଣ୍ଣବୋଧ' କାର୍ଯ୍ୟକ୍ରମ। ଓଡ଼ିଶା ଦିବସ ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲାରେ ୧୨୨୮ ପ୍ରାଥମିକ ବିଦ୍ୟାଳୟ, ୫୮୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୩୦୮ ଉଚ୍ଚ ବିଦ୍ୟାଳୟ ରହିଛି। ଶ୍ରେଣୀଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛବିଳ ମଧୁ ବର୍ଣ୍ଣବୋଧ ପଢା ବାଧ୍ୟତାମୂଳକ। ସେହିଭଳି ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ଓ ହାଇସ୍କୁଲରେ ଓଡ଼ିଆ ଭାଷା ଉପରେ ସ୍ୱତନ୍ତ୍ର ପୁସ୍ତକ ପଢାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ଖୁବ୍‌ଶୀଘ୍ର ଜିଲା ଶିକ୍ଷାଧିକାରୀଙ୍କ ସମେତ ଅଭିଜ୍ଞ ଶିକ୍ଷାବିତ୍ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଉକ୍ତ ମିଶନର କାର୍ଯ୍ୟକାରିତା କ'ଣ ରହିବ, ସେ ସମ୍ପର୍କରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଓଡ଼ିଶାରେ ସରକାରୀ ଚାକିରି କରିବାକୁ ହେଲେ ଓଡିଆ ବିଷୟରେ ପାଠ ପଢିବା ବାଧ୍ୟତାମୂଳକ। ଓଡ଼ିଶା ଲୋକସେବା ଆୟୋଗ, ଷ୍ଟାଫ ସିଲେକ୍ସନ କମିଶନ, ଷ୍ଟାଫ ସିଲେକ୍ସନ ବୋର୍ଡ ସରକାରୀ ଚାକିରି ନିମନ୍ତେ ପରୀକ୍ଷା କରୁଛନ୍ତି। ପରୀକ୍ଷାର୍ଥୀମାନଙ୍କର ଓଡ଼ିଆ ବିଷୟରେ ପରୀକ୍ଷା କରାଯାଉଛି। ହେଲେ ଏହି ପରୀକ୍ଷାରେ ବହୁ ଛାତ୍ରୀଛାତ୍ର ଫେଲ୍ କିମ୍ବା କମ୍ ମାର୍କ ରଖୁଥିବା ଦେଖିବାକୁ ମିଳିଛି। କଟକ ଜିଲାରେ ଛାତ୍ରୀଛାତ୍ରମାନେ ଯେପରି ଓଡ଼ିଆ ଭାଷାରେ ଫେଲ୍ ନ ହେବେ ବା ସେମାନଙ୍କର ଓଡ଼ିଆ ଭାଷା ଉପରେ ଜ୍ଞାନ ବୃଦ୍ଧି ପାଇବ ତାହା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି।

## ଆହାର କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ କଲେ ମେୟର

**କଟକ ଅଫିସ,୧।୪**

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶୁକ୍ରବାର ଶିଶୁଭବନର ଆହାର କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ସେ ଆହାର କେନ୍ଦ୍ରରେ ୫ ଟଙ୍କାର ଟୋକନ କାଟି ଖାଦ୍ୟ ଖାଇବା ସହ ଏହାର ମାନ ପରଖିଥିଲେ। ଏଥିସହ ଆହାର କେନ୍ଦ୍ରରେ ଲାଇନରେ ଥିବା ଲୋକଙ୍କ ମଧ୍ୟରୁ ୫୦ ଜଣଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଶିଶୁ ରୋଗୀମାନେ ଏହି ହସ୍ପିଟାଲ ଉପରେ ନିର୍ଭର କରନ୍ତି। ଆହାର କେନ୍ଦ୍ର ଏହି ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଏକମାତ୍ର ମାଧ୍ୟମ। ରବିବାର ଆହାର କେନ୍ଦ୍ର ବନ୍ଦ ରହୁଥିବାରୁ ରୋଗୀ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ରବିବାର ଆହାର କେନ୍ଦ୍ର ଖୋଲିବା ପାଇଁ ଉଦ୍ୟମ କରିବେ ଓ କଟକରେ ଆହୁରି ମିଲ୍ ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, ରଞ୍ଜନ ବିଶ୍ୱାଳ, ବିଶ୍ୱଜିତ୍ ମହାନ୍ତି, ପ୍ରଫୁଲ୍ଲ ସିଂ, ଧର୍ମେଶ ନାୟକ, ରାଜୀବ ମହାନ୍ତି, ଶଶିଭୂଷଣ ଦାସ, ଜଗନ୍ନାଥ ସାହୁ, ଜଗନ୍ନାଥ ସ୍ୱାଇଁ, ବିଶ୍ୱନାଥ ମହାରଣା, ବିଶ୍ୱନାଥ ଦାସ, ବିଜୟ ବେହେରା, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଦ୍ଧ ବନ୍ଦ, ଶାନ୍ତିବାର୍ତ୍ତା ପାଇଁ ସାଇକେଲ ଶୋଭାଯାତ୍ରା


ଅହମ୍ମଦିୟା କରଡ଼ାପଲ୍ଲୀ ପକ୍ଷରୁ ଆୟୋଜିତ ସାଇକେଲ ଶୋଭାଯାତ୍ରା।

**ତିଗିରିଆ,୧।୪ (ଡି.ଏନ୍.ଏ)**

ରୁଷିଆ ଓ ୟୁକ୍ରେନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ବନ୍ଦ ଓ ଶାନ୍ତି ପ୍ରତିଷ୍ଠାର ଆଭିମୁଖ୍ୟ ନେଇ ତିଗିରିଆ ବ୍ଲକ ଅନ୍ତର୍ଗତ ଯୁବ ଅହମ୍ମଦିୟା କରଡ଼ାପଲ୍ଲୀ ପକ୍ଷରୁ ଶୁକ୍ରବାର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କରଡ଼ାପଲ୍ଲୀ ଜାମା ମସ୍‌ଜିଦଠାରୁ ଏହି ଶୋଭାଯାତ୍ରା ବାହାରି ଗୋପୀନାଥପୁର ଶାସନ ଦେଇ ନିଜିଗଡ଼ ପରିକ୍ରମା କରିଥିଲା। ଏହାପରେ ଗ୍ରାମର ଏକ ମସ୍‌ଜିଦ୍‌କୁ ଯୁବ ଅହମ୍ମଦିଆ ଭାରତର ସଭାପତି କେ. ତାରିକ ଅହମ୍ମଦ ଉଦ୍‌ଘାଟନ ଥିଲେ। ସେଠାରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ଅବ୍‌ଦୁଲ ମାଲିକ, କଟକ ଜିଲା ଜମାତ ଅହମ୍ମଦିୟା ମୌଲାନା ହଲିମ ଅହେମ୍ମଦ୍, କଟକ ଜିଲା ଯୁବ ଅହମ୍ମଦିୟା ସଭାପତି ସଫାଉଦ୍ଦିନ ଖାଁ, ଯୁବ ଅହମ୍ମଦିୟା କରଡ଼ାପଲ୍ଲୀ ସଭାପତି ସରାଫତ୍ ଅଲ୍ଲୀ, ସୌକତ ଖାଁ ଓ ଇସହାକ୍ ଖାଁ ପ୍ରମୁଖ ଯୋଗଦେଇଥିଲେ।

## ୨ ଲୁଟେରାଙ୍କୁ ୨ବର୍ଷ କାରାଦଣ୍ଡାଦେଶ

**ଖୋର୍ଦ୍ଧା ଅଫିସ,୧।୪**

ଚଳନ୍ତା ଗାଡିରୁ ଦମ୍ପତିଙ୍କଠାରୁ ସୁନାଅଳଙ୍କାର ଥିବା ବ୍ୟାଗ ଝାମ୍ପି ନେବା ଘଟଣାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଏସ୍‌ଡିଜେଏମ ସୌଦାମିନୀ ସିଂହ ୨ଜଣ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦର ରାଜ ଦଳବେହେରା ଓ ରଣପୁର ଥାନା ନନ୍ଦପଲୀର ଇସାମୁଦ୍ଦିନ ଖାଁ। ୨୦୨୧ ଜୁନ ୪ରେ ସିଙ୍ଗାରପଲୀ ଗ୍ରାମର ସୁରଜ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ନିବେଦିତା ବାଇକରେ ଘରକୁ ଫେରୁଥିଲେ। ଏହି ସମୟରେ ବାଘମାରୀ ଥାନା ସାରୁଅ ଛକରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ନିବେଦିତାଙ୍କ ଠାରୁ ବ୍ୟାଗ ଝାମ୍ପି ଫେରାର ହୋଇଯାଇଥିଲେ। ଏନେଇ ଦମ୍ପତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# କଟକ ଟ୍ୟାକ୍ସ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**କଟକ ଅଫିସ, ୧।୪**

କଟକ ଟ୍ୟାକ୍ସ ବାର୍ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଆସୋସିଏଶନର ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଆସୋସିଏଶନର ପୂର୍ବତନ ସଭାପତି ଦିଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନିର୍ବାଚନ ସୁପରିଚାଳନା ନିମନ୍ତେ ନିର୍ବାଚନ ଅଧିକାରୀ ତେଜେସ୍ କୁମାର ସାହୁ ଓ ସହକାରୀ ନିର୍ବାଚନ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଠାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ନବନିର୍ବାଚିତ ସଭାପତି ଅରୁଣ କୁମାର ଦାଶ, ଉପସଭାପତି କୌସ୍ତୁଭ ଚୌଧୁରୀ, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ସରୋଜ କୁମାର ପଟେଲ, କୋଷାଧ୍ୟକ୍ଷ ସୌମ୍ୟଶିବ ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀକାନ୍ତ ମାଝି, ଶୁଭାନନ୍ଦ ମହାନ୍ତି, ପିଙ୍କୁଶ୍ରୀ ତ୍ରିପାଠୀ, ସୁନୀଲ ଜେନା, ସୀତାଞ୍ଜଳି ଦାସ, ମୃଣ୍ମୟ ମହାନ୍ତି ଶପଥ ଗ୍ରହଣ କରିଥିଲେ। ଏଥିରେ ପ୍ରଦୀପ ପଟ୍ଟନାୟକ, ବିବେକାନନ୍ଦ ମହାନ୍ତି, ନଟବର ପଣ୍ଡା, ଅମୂଲ୍ୟ କୁମାର ମେହେର, ରମେଶ ଚନ୍ଦ୍ର ଜେନା, ବିଶ୍ୱରଞ୍ଜନ ପାଣିଗ୍ରାହୀ, ଅଜୟ ଦାଶ, ଅରୁଣ କୁମାର ପରିଡ଼ା, ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶୈଳେନ୍ଦ୍ର ନାରାୟଣ ଠାକୁର ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ

**ପୁରୀ ଅଫିସ,୧।୪**

ରାଜ୍ୟସ୍ତରୀୟ କବାଡି ଚାମ୍ପିୟନଶିପ-୨୦୨୨ ବ୍ଲୁ ଫ୍ଲାଗ ବିଚରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଏବଂ ଓଡ଼ିଶା କବାଡି ମହାସଂଘ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳ ସମର୍ଥ ବର୍ମା ଓ ଆନ୍ତର୍ଜାତିକ କବାଡି ଖେଳାଳି ଭୀମ ବରାଳ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଉଭୟ ପୁରୁଷ ଏବଂ ମହିଳା ବିଭାଗ ରହିଛି। ପୁରୁଷରେ ୯ଟି ଦଳ ଯଥା କଟକ, ଓଡିଶା ପୁଲିସ, ନୂଆପଡା, ସମ୍ବଲପୁର, ଭୁବନେଶ୍ୱର, ଢେଙ୍କାନାଳ, ପୁରୀ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ଅନୁଗୁଳ ଟିମ ଅଂଶ ଗ୍ରହଣ କରିଥିବା ବେଳେ ଓ ମହିଳାରେ ୮ଟି ଟମ୍ ଭାଗ ନେଇଛନ୍ତି। ମହିଳା ବିଭାଗରେ ବିଭାଗରେ ପୂର୍ବ ତଟ ରେଳବାଇ, ଢେଙ୍କାନାଳ, କେନ୍ଦ୍ରାପଡା, ଯାଜପୁର, ଗଞ୍ଜାମ, କଟକ, ପୁରୀ ଓ କିଟ୍ ବିଶ୍ୱବିଦ୍ୟାଳୟ ଭାଗ ନେବେ। ମୋଟ ୨୬ଟି ମ୍ୟାଚ ଖେଳାଯିବ। ପ୍ରତ୍ୟେକ ବିଭାଗରୁ ଚାମ୍ପିୟନକୁ ୩୦ ହଜାର ଟଙ୍କା, ରନର୍ସ ଅପକୁ ୨୦ ହଜାର, ତୃତୀୟ ସ୍ଥାନ ନିମନ୍ତେ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ପ୍ରତ୍ୟେକ ବିଭାଗରୁ ୩ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ୩ ହଜାର ଟଙ୍କା ପୁରସ୍କାର ଦିଆଯିବ। ପ୍ରଥମ ଦିନ ପୁରୁଷ ବିଭାଗରେ ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ କଟକ ଏବଂ ଅନୁଗୋଳ ମଧ୍ୟରେ ହୋଇ କଟକ ବିଜୟୀ ହୋଇଥିଲା। ପରେ ଢେଙ୍କାନାଳ ଏବଂ ସମ୍ବଲପୁର ମଧ୍ୟରେ ହୋଇ ଢେଙ୍କାନାଳ ବିଜୟୀ ହୋଇଛି। ଶେଷ ମ୍ୟାଚ ନୂଆପଡା ଏବଂ ଓଡ଼ିଶା ପୋଲିସ ମଧ୍ୟରେ ହୋଇ ନୂଆପଡା ଦଳ ବିଜୟୀ ହୋଇଥିଲା। ସେହିପରି ମହିଳା ବିଭାଗରେ ମଧ୍ୟ ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ଢେଙ୍କାନାଳ ଏବଂ ପୁରୀ ମଧ୍ୟରେ ହୋଇ ଢେଙ୍କାନାଳ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ପୂର୍ବତଟ ରେଳବାଇ ଏବଂ ଗଞ୍ଜାମ ମଧ୍ୟରେ ହୋଇ ପୂର୍ବତଟ ରେଳବାଇ ଜିତିଥିଲା। ଶେଷରେ ଯାଜପୁର ଏବଂ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ୩୬-୧୭ ପଏଣ୍ଟ ବ୍ୟବଧାନରେ ଯାଜପୁର ବିଜୟ ଲାଭ କରିଛି।

# 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପୂର୍ବସୂରୀଙ୍କ ତ୍ୟାଗ ଅତୁଳନୀୟ'

**କଟକ ଅଫିସ,୧।୪**

**ଡ୍ରିମ୍‌ସରେ ଓଡ଼ିଶା ଦିବସ ସମାରୋହ**

■ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ ସମ୍ବର୍ଦ୍ଧନା

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଓଡ଼ିଶା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ସମାରୋହରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ଲୋକକଳାର ପ୍ରଚାରପ୍ରସାର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ବିଶିଷ୍ଟ ଘୋଡାନାଚ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ ଏବଂ ତାଙ୍କ ସହକଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପଦ୍ମିନୀ କେୟାର ହସ୍ପିଟାଲର ହୃଦ୍‌ରୋଗ ବିଭାଗ ମୁଖ୍ୟ ପ୍ରଫେସର ଶିଶୁଶଙ୍କର ମିଶ୍ର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ଅଶୋକ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଲୀନା ପଟ୍ଟନାୟକ ଓ ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଦ୍ମଶ୍ରୀ ଦାସଙ୍କ ଚଇତି ଘୋଡାନାଚ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ 'ବନ୍ଦେ ଉତ୍କଳ ଜନନୀ.. ସଙ୍ଗୀତ ବିଶେଷ ଆକର୍ଷଣ ହୋଇଥିଲା। **ଉତ୍କଳ ସାହିତ୍ୟ ସମାଜ:** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏ ଜାତିର ମହତ ଉପଲବ୍ଧି। ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉତ୍କଳ ସାହିତ୍ୟ ସମାଜର ଅବଦାନ ଉଲ୍ଲେଖନୀୟ। ଏଥିପାଇଁ ପୂର୍ବସୂରୀମାନଙ୍କ ତ୍ୟାଗ ଅତୁଳନୀୟ ବୋଲି ଓଡ଼ିଶା ଦିବସ ଅବସରରେ ଅନୁଷ୍ଠାନ ପରିସରରେ ଆୟୋଜିତ ସଭାରେ ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। **ସମ୍ବାଦପତ୍ର ବିକ୍ରେତା ସଂଘ:** ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ସଂଘ ପକ୍ଷରୁ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁବାଗସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ଡ. ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତି, ରାଷ୍ଟ୍ରଭାଷାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ମିଶନରୋଡସ୍ଥିତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ରବି ପାଲ, ହେମନ୍ତ ପଟ୍ଟନାୟକ, ନବଘନ ସାହୁ, ଅଶୋକ ସାହୁ, ବଂଶୀଧର ବେହେରା, ଉମେଶ ସାହୁ ଓ ହାଡ଼ିବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। **କଟକ ଜିଲା ଉତ୍କଳ ସମ୍ମିଳନୀ:** କଟକ ଜିଲା ଉତ୍କଳ ସମ୍ମିଳନୀ ଓ କଟକ ମହାନଗର ନାଗରିକ ମହାସଭାର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମଧୁସୁଦନ ଦାସଙ୍କ ଗୋରାକବରସ୍ଥିତ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ ପରେ ହରିଣ ପାର୍କ, କ୍ୟାଣ୍ଟନମେଣ୍ଟ ରୋଡ ଛକ, ଶୈଳବାଳା ମହିଳା ମହାବିଦ୍ୟାଳୟ, ଇଦ୍‌ଗାସ୍ଥିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ, ସମ୍ପାଦକ ମାଧବ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। **ଏସ୍‌ସିବି କନିଷ୍ଠ ଡାକ୍ତର ସଂଘ:** ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଶୁକ୍ରବାର ଏସ୍‌ସିବି କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ସିବି ୟୁରୋଲୋଜି ବିଭାଗର ଅଧ୍ୟକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ପ୍ରଫେସର ଲୁସି ଦାସ, ପିଜି ଛାତ୍ର ସଂଘ ସଭାପତି ଡା. ଅଭିଷେକ ବିଶ୍ୱାଳ, ଉପସଭାପତି ମାନସ ରଞ୍ଜନ ସାମଲ, ସାଧାରଣ ସମ୍ପାଦକ ରାମ ନରେଶ ଯାଦବ, ଡା. ବିଶ୍ୱଜିତ୍ ମିଶ୍ର, ୟୁଜି ଛାତ୍ର ସଂଘର ସଭାପତି ଦେବାଶିଷ ନାୟକଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଡାକ୍ତରୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। **ମାହାଙ୍ଗା,(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦୁଲାରପୁରଠାରେ ଓଡ଼ିଶା ଦିବସ ଏବଂ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା କବିତା ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଡ. ଅମରେନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାକେନ୍ଦ୍ରର ସଂପାଦକ ଗଦାଧର ପାଣି ପ୍ରମୁଖ ଯୋଗଦେଇଥିଲେ। କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ମାହାଙ୍ଗା ଆଞ୍ଚଳିକ ଟାଇଗର କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଇଂ. ଜିତେନ କୁମାର ରାଉତରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ନୀହାର ରଞ୍ଜନ ମଲିକ, ସମ୍ମାନିତ ଅତିଥିଭାବେ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ପୃଷ୍ଟି ଓ ସାଲେପୁର ବାର ଆସୋସିଏଶନ ସଭାପତି ଦୀପକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ଦିବସ ପାଳନ ଅବସରରେ ଶୁକ୍ରବାର କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କ୍ୟାଣ୍ଟେନମେଣ୍ଟ ରୋଡସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।